Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 45

ବାର୍ଷିକ ଦେୟ: ୩୦୦/-

ସାପ୍ତାହିକ

The Weekly କାଦିଆନ
BADAR Qadian
ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 09 ନଭେମ୍ବର 2017   09 ନବୁଓ୍ୱତ୍ 1396 ହି.ଶ   19 ସଫର୍ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଏପରି ଗୋଟିଏ ସମୟ ଥିଲା ଯେ ଆର୍ଥିକ ଅନାଟନ ଯୋଗୁଁ ପାଂଚ ସାତ ଜଣଙ୍କ ଖର୍ଚ୍ଚର ବୋଝ ମୋ ପକ୍ଷେ କଷ୍ଟକର ହୋଇପଡୁଥିଲା । କିନ୍ତୁ ବର୍ତ୍ତମାନ ଏପରି ସମୟ ଆସିଯାଇଛି ଯେ ହାରାହାରି ତିନିଶହ ଲୋକ ପ୍ରତ୍ୟେକ ଦିନ ନିଜ ପରିବାର ସହିତ ଏହି ଲଙ୍ଗରଖାନାରେ ଖାଦ୍ୟ ଆହରଣ କରୁଛନ୍ତି । ତତ୍ ସହିତ ଅନେକ ଗରିବ ଓ ଦର୍‌ଓ୍ୱେଶ୍ (ସାଧୁସନ୍ଥ) ମାନେ ମଧ୍ୟ ଏହି ଲଙ୍ଗରଖାନାରେ ଖାଦ୍ୟ ଆହରଣ କରୁଛନ୍ତି ।**

# ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

୮୬-ଛୟାଅଶୀତମ ନିଦର୍ଶନ - ଥରେ ମୋ ଦାନ୍ତରେ ବହୁତ ପୀଡ଼ା ହେଲା । ଏକ କ୍ଷଣ ପାଇଁ ମଧ୍ୟ ଆରାମ ନଥିଲା । ମୁଁ ଜଣକୁ ପଚାରିଲି ଆଉ କୌଣସି ଉପଚାର ଅଛି କି ? ସେ କହିଲେ ଏହାର ଉପଚାର ହେଉଛି ଦାନ୍ତକୁ ବାହାର କରିଦେବା । ଦାନ୍ତ ଓପାଡ଼ିବାକୁ ମୁଁ ଡରିଲି । ସେହି ସମୟରେ ମତେ ଉଙ୍ଘ ଲାଗିଲା ଓ ମୁଁ ତଳେ ବିକଳତାର ସହ ବସିଥିଲି । ପାଖରେ ଖଟିଆ ପଡ଼ିଥିଲା । ମୁଁ ଚେତାହୀନ ଅବସ୍ଥାରେ ଖଟିଆର ଗୋଡ଼ପାଖରେ ମୁଣ୍ଡ ରଖିଦେଲି, ଟିକିଏ ନିଦ ଲାଗିଗଲା । ମୁଁ ଯେତେବେଳେ ଜାଗିଲି ପୀଡ଼ାର ନାମ ଲେଶ ମାତ୍ର ନଥିଲା ଓ ମୋ ମୁହଁରେ ଏ ଏଲ୍‌ହାମ୍ ଜାରିଥିଲା : ଇଜା ମରିଜ୍‌ତା ଫହୁଆ ୟଶ୍‌ଫି । ଅର୍ଥାତ୍ ତୁ ଯେବେ ବିମାର ପଡୁ ସେ ତତେ ଆରୋଗ୍ୟ ପ୍ରଦାନ କରେ । ଫଅଲ୍‌ହମ୍‌ଦୁଲିଲ୍ଲାଃ ଅଲା ଜାଲିକ ।

୮୭-ସତାଅଶୀତମ ନିଦର୍ଶନ- ହେଉଛି ସେହି ପେଶ୍‌ଗୋଇ ଯାହା ମୋର ଦିଲ୍ଲିରେ ବିବାହ ହେବା ସମ୍ବନ୍ଧରେ ହୋଇଥିଲା । ଖୁଦାତାଲାଙ୍କ ତରଫରୁ ମୋତେ ଏଲ୍‌ହାମ୍ ହୋଇଥିଲା - ଅଲ୍‌ହମ୍‌ଦୁ ଲିଲ୍ଲାହିଲ୍ ଲଜି ଯାଆଲା ଲକୁମୁସ୍ ସିହ୍‌ରା ୱନ୍ ନସବ୍ । ଅର୍ଥାତ୍ ସେହି ଖୁଦାଙ୍କ ନିମନ୍ତେ ପ୍ରଶଂସା ଯିଏ ତୁମକୁ ଜାମାତା (ଅର୍ଥାତ୍ ଜ୍ୱାଇଁ ହେବା) ଓ ବଂଶ ହିସାବରେ ଦୁଇ ତରଫରୁ ସମ୍ମାନ ଦେଇଛନ୍ତି ଅର୍ଥାତ୍ ତୁମ ବଂଶକୁ ମଧ୍ୟ ସଜ୍ଜନ/ଭଦ୍ର କଲେ ଓ ତୁମ ସ୍ତ୍ରୀ ମଧ୍ୟ ସାଦାତ୍ (ସୟଦ ବଂଶୀୟ) ଙ୍କ ଘରୁ ଆସିବେ । ଏହି ଏଲ୍‌ହାମ୍ ବିବାହ ପାଇଁ ଗୋଟିଏ ଭବିଷ୍ୟବାଣୀ ଥିଲା । ସେଥିପାଇଁ ମୋତେ ଚିନ୍ତା ଘାରିଲା ଯେ ମୁଁ ବିବାହ ଖର୍ଚ୍ଚ କିପରି କରିବି । ବର୍ତମାନ ତ ମୋ ପାଖରେ କିଛି ନାହିଁ । ମୁଁ ସବୁବେଳ ପାଇଁ କିପରି ଏହି ବୋଝକୁ ବୋହିପାରିବି । ତେଣୁ ମୁଁ ଖୁଦାଙ୍କ ଦରବାରରେ ଦୁଆ କଲି ଯେ ଏହି ଖର୍ଚ୍ଚ ପାଇଁ ମୋ ପାଖରେ ଶକ୍ତି ନାହିଁ । ପୁଣି ଏ ଏଲ୍‌ହାମ୍ ହେଲା-

ହର୍‌ଚ୍ଚ ବାଏଦ୍ ନୌ ଅରୁସି ରାହିମା ସାମାଁ କୁନମ୍
ୱ ଆଂଚା ଦର୍‌କାର ଶମା ବାଶିଦ୍ ଅତାଏ ଆଁ କୁନମ୍

ଅର୍ଥାତ-ବିବାହ ନିମନ୍ତେ ଯାହା କିଛି ତୁମକୁ ଦରକାର ହେବ ସେ ସମସ୍ତ ଜିନିଷର ବ୍ୟବସ୍ଥା ମୁଁ ନିଜେ କରିବି ଓ ସମୟେ ସମୟେ ଯାହା କିଛି ତୁମକୁ ଆବଶ୍ୟକ ହେବ ସେ ସବୁ ମୁଁ ତୁମକୁ ଦେଇଚାଲିବି । ସୁତରାଂ ଏହିପରି ହିଁ ହେଲା । ବିବାହ ନିମନ୍ତେ ଯାହା କିଛି ଟଙ୍କା ମୋର ଆବଶ୍ୟକ ଥିଲା । ଏହି ଜରୁରୀ ଖର୍ଚ୍ଚ ପାଇଁ ମୁନ୍‌ଶି ଅବ୍‌ଦୁଲ୍ ହକ୍ ସାହେବ ଆକାଉଂଟ୍ ଲାହୋର ପାଂଚଶହ ଟଙ୍କା ମୋତେ ଉଧାର ଦେଲେ । ଆଉ ଜଣେ ବ୍ୟକ୍ତି ଯାହାଙ୍କ ନାମ୍ ହକିମ୍ ମହମ୍ମଦ୍ ଶରିଫ୍ ଯିଏ କାଲାନୁର ନିବାସୀ ଅଟନ୍ତି ଓ ସେ ଅମୃତସରରେ ଚିକିତ୍ସା ବୃତି କରୁଥିଲେ । ସେ ଦୁଇଶହ ବା ତିନିଶହ ଟଙ୍କା ମୋତେ ଉଧାର ଦେଲେ । ସେ ସମୟରେ ମୁନ୍‌ଶି ଅବ୍‌ଦୁଲ୍ ହକ୍ ସାହେବ୍ ଆକାଉଂଟାଂଟ୍ ମୋତେ କହିଲେ ଯେ ହିନ୍ଦୁସ୍ତାନରେ ବିବାହ କରିବା ଏପରି ଅଟେ ଯେପରି ହାତିକୁ ଦୁଆର ମୁହଁରେ ବାନ୍ଧିବା । ମୁଁ ତାଙ୍କୁ ଉତର ଦେଲି ଯେ ଏହି ସବୁ ଖର୍ଚ୍ଚ ପାଇଁ ଖୁଦାତାଲା ନିଜେ ପ୍ରତିଶୃତି ଦେଇଛନ୍ତି । ପୁଣି ବିବାହ କରିବା ପରେ ବିଜୟର ସିଲ୍‌ସିଲା ଆରମ୍ଭ ହୋଇଗଲା । ଗୋଟିଏ ସମୟ ଏପରି ଥିଲା ଯେ ଆର୍ଥିକ ଅନାଟନ ଯୋଗୁଁ ପାଂଚ ସାତ ଜଣଙ୍କ ଖର୍ଚ୍ଚର ବୋଝ ମୋ ପକ୍ଷେ କଷ୍ଟକର ଥିଲା କିନ୍ତୁ ବର୍ତମାନ ଏପରି ସମୟ ଆସିଛି ଯେ ହାରାହାରି ତିନିଶହ ଲୋକ ପ୍ରତ୍ୟେକ ଦିନ ନିଜ ପରିବାର ସହିତ ଏହି ଲଙ୍ଗରଖାନାରେ ଖାଦ୍ୟ ଆହରଣ କରୁଛନ୍ତି । ସେମାନଙ୍କ ସହିତ ଅନେକ ଗରୀବ ଓ ଦର୍‌ଓ୍ୱେଶ୍ (ସାଧୁସନ୍ଥ) ମାନେ ମଧ୍ୟ ଏହି ଲଙ୍ଗରଖାନାରେ ଖାଦ୍ୟ ଆହରଣ କରୁଛନ୍ତି । ଏହି ପେଶ୍‌ଗୋଇଟିକୁ ଲାଲା ଶରମ୍‌ପତ୍ ଆର୍ଯ୍ୟା ଓ ମଲାଓ୍ୱାମଲ୍ ଆର୍ଯ୍ୟା କାଦିଆନୀ ନିବାସୀଙ୍କୁ ସମୟ ପୂର୍ବରୁ ଜଣାଇ ଦିଆଯାଇଥିଲା ଓ ଶେଖ୍ ହାମିଦ୍ ଅଲୀ ଏବଂ କିଛି ପରିଚିତ ବ୍ୟକ୍ତି ମାନଙ୍କୁ ଏହି ବିଷୟରେ ଅବଗତ କରାଯାଇଥିଲା । ସେହିପରି ମୁନ୍‌ଶି ଅବ୍‌ଦୁଲ୍ ହକ୍ ଆକାଉଂଟାଂଟ୍ ଲାହୋରୀ, ଯଦିଚ ସେ ବର୍ତମାନ ବିରୋଧିମାନଙ୍କ ଗୋଷ୍ଠୀରେ ଅଛନ୍ତି, କିନ୍ତୁ ମୁଁ ଆଶା କରୁନାହିଁ ଯେ ସେ ଏହି ସତ୍ୟ ଘଟଣାକୁ ଲୁଚାଇବେ ବୋଲି । ୱଲ୍ଲାହୋ ଆଲମୁ (ଅଲ୍ଲାଃ ସର୍ବଜ୍ଞ ଅଟନ୍ତି)

୮୮-ଅଠାଅଶୀତମ ନିଦର୍ଶନ- ଯେତେବେଳେ ଦିଲିପ୍ ସିଂ ଙ୍କ ବିଷୟରେ ବାରମ୍ବାର ଖବର କାଗଜ ଗୁଡିକରେ ଏ ଖବର ଲେଖା ହେଉଥିଲା ଯେ ସେ ପଞ୍ଜାବ ପ୍ରଦେଶକୁ ଆସିବେ । ସେତେବେଳେ ମୋତେ ଦେଖାଇଦିଆଗଲା ଯେ ସେ କଦାପି ଆସିବେ ନାହିଁ ବରଂ ତାଙ୍କୁ ରୋକି ଦିଆଯିବ । ମୁଁ ଏ ପେଶ୍‌ଗୋଇ ବିଷୟରେ ପାଖାପାଖି ପାଂଚଶହ ଲୋକଙ୍କୁ ଅବଗତ କରାଇଥିଲି । ଏବଂ ଗୋଟିଏ ଦୁଇଫର୍ଦ୍ଦ ବିଶିଷ୍ଟ ଇସ୍ତେହାର୍‌ରେ ମଧ୍ୟ ଏହି ପେଶ୍‌ଗୋଇଟିକୁ ସଂକ୍ଷେପରେ ଲେଖିଥିଲି । ସୁତରାଂ ଏପରି ହିଁ ହେଲା ।

୮୯-ଅଣାନବେତମ ନିଦର୍ଶନ- ମୁଁ ସୟଦ୍ ଅହେମଦ୍ ଖାନ୍‌ଙ୍କ ବିଷୟରେ ଏ ପେଶ୍‌ଗୋଇ କରିଥିଲି ଯେ ଜୀବନର ଶେଷ ବୟସରେ ତାଙ୍କୁ କିଛି ଦୁଃଖ କଷ୍ଟ ହେବ ଓ ତାଙ୍କ ବୟସ ଆଉ ଅଳ୍ପ ବାକି ଅଛି ଏବଂ ଏ ବିଷୟ ଇସ୍ତେହାର ମାଧ୍ୟମରେ ଛପାଇ ଦେଇଥିଲି । ସୁତରାଂ ଏହାପରେ ଜଣେ ଦୁଷ୍ଟ ହିନ୍ଦୁ ଲୋକ ଦ୍ୱାରା ଧନ ଆତ୍ମସାତ୍ ହେବା ଯୋଗୁଁ ସୟଦ୍ ଅହେମଦ୍ ଖାନ୍ ଙ୍କୁ ଶେଷ ବୟସରେ ବହୁତ ଦୁଃଖ ଓ ସଦ୍‌ମା (ମର୍ମାଘାତ) ପହଂଚିଲା । ଏହି ଘଟଣା ପରେ ସେ ଅଳ୍ପ ସମୟ ଜୀବିତ ରହିଲେ । ଏହି ଦୁଃଖ ମର୍ମାଘାତ ଯୋଗୁଁ ତାଙ୍କର ମୃତ୍ୟୁ ହେଲା ।

୯୦-ନବେତମ ନିଦର୍ଶନ- ଥରେ ଡାକ କାନୁନ୍ ଖିଲାଫ୍ କରିବାର ମୋକଦ୍ଦମା ମୋ ଉପରେ ଚାଲିଲା ଯାହାର ଦଣ୍ଡ ପାଂଚଶହ ଟଙ୍କା ଜୋରିମନା ବା ଛଅମାସ ଜେଲ୍ ଦଣ୍ଡ ଥିଲା । ମୁକୁଳିବାର କୌଣସି ରାସ୍ତା ଦେଖାଯାଉନଥିଲା । ତେବେ ଦୁଆ କରିବା ପରେ ଖୁଦାତାଲା ସ୍ୱପ୍ନ ମାଧ୍ୟମରେ ମୋ ଉପରେ ଏହା ପ୍ରକାଶ କଲେ ଯେ ସେହି ମୋକଦ୍ଦମାକୁ ରଫା ଦଫା (ଶେଷ) କରିଦିଆଯିବ । ଏହି ମୋକଦ୍ଦମାର ସୁତ୍ରଧର ଜଣେ ଇସାଇ ଥିଲେ, ଯାହାଙ୍କ ନାମ ରେଲିଆରାମ୍ ଥିଲା । ସେ ଅମୃତସର୍‌ରେ ଓକିଲ୍ ଥିଲେ । ଏବଂ ମୁଁ ସ୍ୱପ୍ନରେ ଏହା ମଧ୍ୟ ଦେଖିଲି ସେ ମୋ ପାଖକୁ ଗୋଟିଏ ସାପ ପଠାଇଛି । ମୁଁ ସେହି ସାପକୁ ମାଛ ଭାଜିବା ଭଳି ଭାଜି ତା ଆଡ଼କୁ ଫେରାଇଦେଇଛି । ଯଦିଚ ସେ ଓକିଲ୍ ଥିଲା ସେଥିଯୋଗୁଁ ମୋର ଏହି ମୋକଦ୍ଦମାଟିର ଦୃଷ୍ଟାନ୍ତ ତା ପାଇଁ ଏକପ୍ରକାର ଶୁଭଙ୍କର ଥିଲା ଏବଂ ଭଜା ମାଛ ପରି କାମ ଦେବାର ଥିଲା । ସୁତରାଂ ସେହି ମୋକଦ୍ଦମାଟି ପ୍ରଥମ ପେଶି ରେ ହିଁ ଖାରଜ ହୋଇଗଲା ।

**(ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୪୬)**

## ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ (ଅଗଷ୍ଟ ୨୦୧୭)

(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)

### ୨୬ ଅଗଷ୍ଟ ୨୦୧୭

### ହଜୁର୍ ଅନୁଓ୍ୱର୍‌ଙ୍କ ଅତିଥିମାନଙ୍କ ସହିତ ସାକ୍ଷାତ୍‌କାର୍ ର ବଳକା ଅଂଶ

ମିଷ୍ଟର୍ ଥୋମାସ୍ ସାହେବ୍ ନିଜେ ୨୦୧୩ ରେ ବୟତ କରିଥିଲେ ଏବଂ ତାଙ୍କ ସ୍ତ୍ରୀ ନିଜର ଦୁଇଟି ପିଲାଙ୍କ ସହିତ ହଜୁର୍ ଅନୁଓ୍ୱର୍ ଙ୍କ ସଙ୍ଗେ ସାକ୍ଷାତ୍‌କାର୍ କରିବା ପରେ ଅହେମଦୀୟତ୍ ଗ୍ରହଣ କରିବା ପାଇଁ ନିଷ୍ପତି ନେଲେ ଓ ବୟତ୍ କରି ଅଲ୍ଲାଃତାଲାଙ୍କ ଫଜଲ୍ ରୁ ଯମାତ୍ ଅହେମଦୀୟାରେ ସାମିଲ୍ ହୋଇଗଲେ । ଥୋମାସ୍ ସହେବ୍‌ଙ୍କ ସ୍ତ୍ରୀ କହିଲେ ଯେ ମୁଁ ଯମାତ୍ ଅହେମଦୀୟାରେ ସାମିଲ୍ ହୋଇ ନିଜ ସ୍ୱାମୀ ଓ ପିଲାମାନଙ୍କ ସହିତ ଏକ ଉତମ ଜୀବନର ଶୁଭାରମ୍ଭ କରୁଅଛି ।

ଆଉ ଜଣେ ଅତିଥି ମ୍ୟାକୁଲେସ୍ କମ୍‌ତିସ୍ ସାହେବ୍ କହିଲେ ଯେ ମୋତେ ମୋର ଜଣେ ଲିଥୁଆନିଆର ବନ୍ଧୁ ମିଷ୍ଟର୍ ଥୋମାସ୍‌ଙ୍କ ଜରିଆରେ ଯମାତ୍ ଅହେମଦୀୟା ସହିତ ପରିଚୟ କରାଇଲେ । ମୁଁ ଏଠାକୁ ଯମାତ୍ ଅହେମଦୀୟାର ଖଲିଫାଙ୍କ ସହିତ ମିଶିବା ପାଇଁ ଆସିଛି । ମୋର ସମ୍ପର୍କ ଇସାଇୟତ୍ ସହିତ ଅଛି । ମୁଁ ମୋର ମୁସଲ୍‌ମାନ୍ ଭାଇମାନଙ୍କୁ କିପରି ଭୁଲିପାରିବି । କାରଣ ଆମେ ସମସ୍ତେ ଗୋଟିଏ ଖୁଦାଙ୍କୁ ମାନୁଛେ । ମୁଁ ଲେଉଟିଯିବା ପରେ ଆନ୍ତର୍ଜାତିକ ଧର୍ମସଭା କରିବା ପାଇଁ ଚେଷ୍ଟା କରିବି । ଯେଉଁଠି ପାଦ୍ରୀମାନଙ୍କୁ ମଧ୍ୟ ନିମନ୍ତ୍ରଣ ଦେବି ଏବଂ ଆପଣମାନଙ୍କୁ ମଧ୍ୟ ନିମନ୍ତ୍ରଣ ଦେବି । ଆମେ ବିଭିନ୍ନ ଧର୍ମର ଲୋକେ ମିଳିମିଶି ଜଣେ ଅନ୍ୟକୁ ଜାଣିବା ପାଇଁ ଚେଷ୍ଟା କରିବା । ଲିଥୁଆନିଆର ଭବିଷ୍ୟତ ପାଇଁ ଏହିପରି ଆନ୍ତର୍ଜାତିକ ଧର୍ମସଭା ହେବା ବହୁତ ଲାଭପ୍ରଦ ହେବ, ଯେଉଁଠି ମୁସଲ୍‌ମାନ୍ ମାନଙ୍କର ପ୍ରତିନିଧି ରହିବେ ଏବଂ ଆପଣଙ୍କ ବିଷୟରେ ଲୋକମାନେ ମଧ୍ୟ ଜାଣିପାରିବେ । ମୁଁ ଏଠାକୁ ଆସି ବହୁତ ପ୍ରଭାବିତ ହୋଇଛି । ଏବଂ ଏଠାରୁ ଫେରିଯିବା ପରେ ମୁଁ ମୋର ବନ୍ଧୁମାନଙ୍କୁ ମଧ୍ୟ ପୁଣି ଏଠାକୁ ନେଇ ଆସିବା ପାଇଁ ପ୍ରସ୍ତୁତ କରାଇବି ।

ଆଉଜଣେ ଅତିଥି ଆଙ୍ଗରିଦା ସାରା ପିନାତେ ସାହିବା କହିଲେ:- ଏହି ପ୍ରୋଗ୍ରାମରେ ମୁଁ ପ୍ରଥମ ଥର ପାଇଁ ଭାଗ ନେଇଛି । କିନ୍ତୁ ଏତେ ସଂଖ୍ୟାରେ ଲୋକମାନେ ଏଠାରେ ଏକତ୍ରିତ ହେବା ମୋ ପାଇଁ ବଡ଼ ଆଶ୍ଚର୍ଯ୍ୟ ବିଷୟ ଥିଲା । ଏଠାରେ ବହୁତ ଗୁଡିଏ ଧର୍ମ ଓ ସଂସ୍କୃତିର ଲୋକେ ଜମା ହୋଇଥିଲେ ଏବଂ ସମସ୍ତେ ଜଣେ ଅନ୍ୟଜଣଙ୍କୁ ସାହାଯ୍ୟ କରୁଥିଲେ । ଦ୍ୱିତୀୟତଃ ଏହି ପ୍ରୋଗ୍ରାମ୍‌ର ସୁନ୍ଦର ବ୍ୟବସ୍ଥା ଗୁଡିକ ମଧ୍ୟ ମୋତେ ଆଶ୍ଚର୍ଯ୍ୟ କରୁଥିଲା ଏବଂ ବହୁତ ପ୍ରଭାବଶାଳୀ ଥିଲା । ଭାଷଣ ଗୁଡିକ ଶୁଣି ଓ ଖଲିଫା ଓ୍ୱକ୍ତ୍ ଙ୍କ ସହିତ ସାକ୍ଷାତ୍ କରିବା ପରେ ମୋତେ ଯମାତ୍ ବିଷୟରେ ଆହୁରି ଅଧିକ ଜାଣିବା ପାଇଁ ଇଛା ବଢ଼ିଗଲା । ମୁଁ ଆପଣମାନଙ୍କର ପୁସ୍ତକ ନିଶ୍ଚିତ ରୂପେ ପଢ଼ିବି । କାରଣ ଇମାମ୍ ଯମାତ୍ ଅହେମଦୀୟାଙ୍କ ଅଭିଭାଷଣ ରୁ ଏ କଥାର ଅନୁଭବ ହେଲା ଯେ ଯେଉଁ କଥା ଗୁଡିକ ଆପଣ ବତାଇଲେ ତାହାସବୁ ବୁଦ୍ଧି ଓ ବିବେକର ନିକଟତର ଅଟେ । ମୋର ଏଠାକୁ ଆସିବା ଦ୍ୱାରା ବହୁତ ଭଲ ଅନୁଭବ ହେଲା । ଏବଂ ମୁଁ ଏବେ ଆସନ୍ତା ବର୍ଷର ଜଲ୍‌ସାର ଅପେକ୍ଷା କରିବି । ମୋ ମତରେ ବିଶ୍ରାନ୍ତି ସମୟରେ ମଧ୍ୟ ଯେଉଁ ବିଭିନ୍ନ ପ୍ରକାରର ପ୍ରଦର୍ଶନୀ ଏବଂ ପ୍ରୋଗ୍ରାମ୍ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା ସେଥିରେ ସାମିଲ୍ ହୋଇ ନିଜ ଜ୍ଞାନର ବୃଦ୍ଧି କରାଇପାରିବା ।

ଲିଥୁଆନିଆର ଓଫଦ୍ ସହିତ ହଜୁର୍ ଅନୁଓ୍ୱର୍‌ଙ୍କ ସାକ୍ଷାତ୍‌କାର ୮:୪୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ଓଫଦ୍‌ର ସଭ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଏହାପରେ ଆରବ ଦେଶଗୁଡିକରୁ ଆସିଥିବା ଅତିଥିମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଆରବୀୟ ମାନଙ୍କ ସହିତ ସାକ୍ଷାତ୍‌କାର୍‌ର ବ୍ୟବସ୍ଥା ଗୋଟିଏ ବଡ଼ ହଲ୍‌ରେ କରାଯାଇଥିଲା । ଆରବୀୟ ପୁରୁଷ ଓ ମହିଳାମାନଙ୍କ ସଂଖ୍ୟା ୨୭୫ ଥିଲା । ଯେଉଁମାନଙ୍କ ମଧ୍ୟରୁ ପାଖାପାଖି ଦୁଇଶହ ଲୋକ ଗଏର୍ ଅହେମଦୀ ଆରବୀୟ ଅତିଥି ଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଗଏର୍ ଅହେମଦୀ ଆରବୀୟ ବନ୍ଧୁମାନଙ୍କୁ ପଚାରିଲେ ଯେ କଣ ଆପଣମାନେ ଏଠାରେ ଏହି ଜଲ୍‌ସାରେ କୌଣସି ଏପରି ଜିନିଷ ଦେଖିଛନ୍ତି ଯାହା ଇସ୍‌ଲାମ୍ ବିରୋଧି ଅଟେ ? ଯଦି ଏପରି କୌଣସି କଥା ଦେଖିଛନ୍ତି ତେବେ ଆମକୁ ମଧ୍ୟ ବତାଇଦିଅନ୍ତୁ ଫଳତଃ ଆମେ ଏହାର ଇସ୍‌ଲାହ୍ କରିନେବୁ ।

ଏଥିରେ ଜଣେ ଆରବୀୟ ବନ୍ଧୁ କହିଲେ ଯେ ମୁଁ ଏଠାରେ ଇସ୍‌ଲାମୀୟ ଶିକ୍ଷାର ବିରୋଧରେ କୌଣସି ଏପରି କଥା ଦେଖିନାହିଁ । ମୁଁ ଏମ୍.ଟି.ଏ ମଧ୍ୟ ଦେଖୁଛି । ମୁଁ ତିନି ଚାରି ବର୍ଷ ହେବ ଯମାତର ସମ୍ପର୍କରେ ରହିଛି । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ନିକଟକୁ ଦୁଆଇଆ ଚିଠି ମଧ୍ୟ ଲେଖୁଛି । ଗୋଟିଏ ଚିଠିର ଉତର ମୋତେ ପ୍ରାପ୍ତ ହୋଇଛି । ମୁଁ ବର୍ତମାନ ପୁଣି ହଜୁର୍ ଅନୁଓ୍ୱର୍‌ଙ୍କୁ ଦୁଆ କରିବା ପାଇଁ ଦରଖାସ୍ତ କରୁଅଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅହେମଦୀ ହେବା ବା ନହେବା ଏହା ପ୍ରତ୍ୟେକଙ୍କ ହୃଦୟର କଥା । ଯେଉଁଠି ମୁସଲ୍‌ମାନ୍‌ର କଥା ଉଠେ ତେବେ ସେମାନଙ୍କ ମଧ୍ୟରେ ଏକତା ରହିବା ଆବଶ୍ୟକ । ସେଥିପାଇଁ ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ଆପୋଷରେ ପ୍ରେମ ଓ ଭାଇଚାରାକୁ ବଢ଼ାଇବା ଉଚିତ୍ ।

ଏହାପରେ ଆଉଜଣେ ଗଏର୍ ଅହେମଦୀ ଆରବୀୟ ବନ୍ଧୁ କହିଲେ ଯେ ମୋର ଜର୍ମାନୀରେ ହିଁ ଯମାତ୍ ଅହେମଦୀୟା ସହିତ ପରିଚୟ ହୋଇଛି ଏବଂ ମୁଁ ଅହେମଦୀମାନଙ୍କୁ ସତ୍ୟ ଉପରେ ପରିଚାଳିତ ହେବାର ଦେଖୁଅଛି । ଆମେ ଆଜିକାଲି ସତ୍ୟତାର ଆବଶ୍ୟକ କରୁଅଛେ । ଆମେ ଯେବେ ମଧ୍ୟ ଯମାତ୍‌କୁ ସାହାଯ୍ୟ ପାଇଁ ଡାକିଛୁ ଯମାତ୍ ଆମକୁ ସାହାଯ୍ୟ କରିବା ପାଇଁ ଦୌଡ଼ି ଆସିଛି । ଇସ୍‌ଲାମ୍ ବର୍ତମାନ ଫିର୍‌କା ଫିର୍‌କାରେ ବାଂଟି ହୋଇଯାଇଛି । ଆମକୁ ବର୍ତମାନ ଏକତ୍ର ହେବା ଓ ତନ୍‌ଜିମ୍‌ର ଆବଶ୍ୟକ ଅଛି । ଦୀନ୍‌ର ନିଜର ଏକ ଗୁରୁତ୍ୱ ଅଛି କିନ୍ତୁ ମୁଁ କହୁଛି ଯେ ସର୍ବପ୍ରଥମେ ହେଉଛି ଇନ୍‌ସାନିୟତ୍(ମାନବିକତା) । ଏହାପରେ ପୁଣି କୌମିୟତ୍ ଏବଂ ଅନ୍ୟାନ୍ୟ ସବୁଜିନିଷ ଆସିବ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ଏହି ଅସଲ କଥାକୁ ଲୋକ ଚିହ୍ନିନେବେ ଯେ ମାନବିକତା ହେଉଛି ସର୍ବପ୍ରଥମ । ଅଲ୍ଲାଃତାଲା ମଧ୍ୟ ଏହା କହିଛନ୍ତି ଯେ ଯିଏ ମୋର ହକ୍‌କୁ ପ୍ରଦାନ କରୁନାହିଁ ସେମାନଙ୍କ ମଧ୍ୟରୁ କିଛିକୁ କ୍ଷମା ଦିଆଯାଇଥାଏ । କିନ୍ତୁ ଯିଏ ତୁମମାନଙ୍କର ହକ୍ ମାରୁଛି ତାକୁ କ୍ଷମା ଦିଆଯିବନାହିଁ । ସେଥିପାଇଁ ଆମକୁ ମାନବିକତାକୁ ବୁଝିବାକୁ ହେବ ଏବଂ ଜଣେ ଅନ୍ୟର ଅଧିକାରକୁ ଖିଆଲ ରଖିବାକୁ ହେବ ।

ଜଣେ ବନ୍ଧୁ ପ୍ରଶ୍ନ କଲେ ଯେ କଣ ଜଣେ ଅହେମଦୀ ଝିଅର ବିବାହ ଗଏର୍ ଅହେମଦୀ ପୁଅ ସହିତ ହୋଇପାରିବ ଯିଏ ଯମାତ୍‌କୁ ପ୍ରତ୍ୟାଖ୍ୟାନ କରୁନଥିବ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯଦି କୌଣସି ମଜ୍‌ବୁରି ଥିବ ତେବେ ମୁଁ ବେଳେବେଳେ ଅନୁମତି ମଧ୍ୟ ଦେଇଦେଉଛି । କିନ୍ତୁ ସାଧାରଣତଃ ଯେପରି ଇସ୍‌ଲାମ୍‌ରେ ବାପାଙ୍କୁ ଓ୍ୱିଲାୟତ୍ (ଓ୍ୱଲି ହେବାର ଅଧିକାର) ଦିଆଯାଇଛି ସେହିପରି ଇସ୍‌ଲାମ୍‌ରେ ଖିଲାଫତ୍‌ର ଯେଉଁ ମୁକାମ୍ ଅଛି ତାକୁ ମଧ୍ୟ ଓ୍ୱିଲାୟତ୍‌ର ଅଧିକାର ମିଳିଛି । ବେଳେବେଳେ ଏପରି ରିସ୍ତା ହେଉଛି, ଯେଉଁଠି ବହୁତ ବିବଶତା ଓ ମଜ୍‌ବୁରୀ ରହିଥାଏ ମୁଁ ସେଠାରେ ଅନୁମତି ମଧ୍ୟ ଦେଇଦେଉଛି । କିନ୍ତୁ ଏଥିରେ ଏ ସର୍ତ ଅଛି ଯେ ନିକାଃ ଅହେମଦୀ ପଢ଼ାଇବେ । କାରଣ ମୁକଫିର୍ ଓ୍ୱ ମୁକଜ୍ଜିବ୍ (ଅମାନ୍ୟକାରୀ ଏବଂ ମିଥ୍ୟାଚାରୀ) ଇମାମ୍‌ଙ୍କ ଇମାମତ୍ ଆମେ ଗ୍ରହଣ କରିପାରିବୁ ନାହିଁ । ଏପରି ଅନୁମତି ତ କୌଣସି ବିଶେଷ କାରଣ ଯୋଗୁଁ ଦିଆଯାଇଥାଏ । କିନ୍ତୁ ସାଧାରଣ ତ ଏ ଚେଷ୍ଟା ହେବା ଉଚିତ୍ ଯେ ଦୁଇପକ୍ଷ ଅହେମଦୀ ହୁଅନ୍ତୁ ଫଳତଃ ତାଙ୍କର ଆସନ୍ତା ପିଢ଼ୀ ମଧ୍ୟ ସୁରକ୍ଷିତ ରହିବେ ଏବଂ ଆପୋଷରେ ଘରେ ମଧ୍ୟ ମନୋମାଳିନ୍ୟ ନହେବ । ନଚେତ୍ ଜଣଙ୍କର ମୁହଁ ଗୋଟେଆଡ଼େ ଆଉ ଜଣଙ୍କର ମୁହଁ ଅନ୍ୟଆଡ଼େ ରହିବ । ଆସନ୍ତା ପିଢ଼ୀକୁ ଜମାତ ବିଷୟରେ ପରିଚୟ କରାଇବା ପାଇଁ ସେମାନଙ୍କୁ ଯମାତ୍‌ରେ କାଏମ୍ ରଖିବା ପାଇଁ ହିଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହା କହିଥିଲେ । ସେଥିପାଇଁ ଇନ୍ତେଜାମି ବ୍ୟବସ୍ଥା ଯୋଗୁଁ ଯମାତ୍ ଅହେମଦୀୟା ଏହା ଚେଷ୍ଟା କରିଥାଏ ଯେ ଜଣେ ଅହେମଦୀ ଆଉ ଜଣେ ଅହେମଦୀଙ୍କ ସହିତ ନିକାହା କରୁ । ଯେହେତୁ ପୁରୁଷର ପ୍ରଭାବ ଅଧିକ ଥାଏ ସେଥିପାଇଁ ଯେଉଁ ଅହେମଦୀ ଝିଅ ଗଏର୍ ଅହେମଦୀ ପୁରୁଷଙ୍କୁ ବିବାହ କରେ ତେବେ ଏହାର ପ୍ରଭାବ ତା ସନ୍ତାନ ମାନଙ୍କ ଉପରେ ଅଧିକା ପଡ଼ିଥାଏ । ଏବଂ ସ୍ତ୍ରୀର ଇଛା ହେବା ସତ୍ୱେ ମଧ୍ୟ ତାଙ୍କ ପିଲାମାନେ ଅହେମଦୀୟତ୍‌ର ନିକଟତର ହୋଇନଥାନ୍ତି । ଯଦି କେହି ଏ କଥାର ଯମାତନ୍ ଦେଇଦେବ ଯେ ସ୍ତ୍ରୀ ଏ ମାମଲାରେ ସମ୍ପୂର୍ଣ୍ଣ ରୂପେ ସ୍ୱାଧିନ ରହିବେ, ଏବଂ ଏପରି ହେବା ମଧ୍ୟ ଉଚିତ୍, ତେବେ ଏଥିରେ କୌଣସି ଆପତି ନାହିଁ । ଆମେ ଏହା ବୁଝିଛୁ ଯେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପେଶ୍‌ଗୋଇ ମୁତାବକ ଏ ଯୁଗରେ ଯେଉଁ ଇମାମ୍‌ଙ୍କୁ ଆସିବାର ଥିଲା ସେ ଆସିଯାଇଛନ୍ତି । ସେଥିଯୋଗୁଁ ତାଙ୍କୁ ମାନୁଥିବା ଲୋକଙ୍କୁ ପ୍ରାଥମିକତା ଦିଆଯିବ । ଏହି ପ୍ରାଥମିକତାକୁ ଆଧାର କରି ଆମେ କହୁଛୁ ଯେ ଅହେମଦୀଙ୍କୁ ଅହେମଦୀଙ୍କ ସହିତ ରିସ୍ତା କରିବା ଉଚିତ୍ । ଫଳତଃ ସେମାନେ ଗୋଟିଏ ଦୀନ୍‌ରେ କାଏମ୍ ରହିପାରିବେ । କ୍ରମଶଃ....

**(ବ ହଓ୍ୱାଲା ଅଖ୍‌ବାର୍ ବଦର୍ ୨୮ ସେପ୍ଟେମ୍ବର୍ ୨୦୧୭)**

# ଖୁତ୍‌ବା ଜୁମା

✶ ମୁଁ ସମୟେ ସମୟେ ଏପରି ଇମାନ୍ ଅଫ୍‌ରୋଜ୍ ୱାକେୟାତ୍(ବିଶ୍ୱାସବର୍ଦ୍ଧକ ଘଟଣା ଗୁଡିକ)ଜମାଅତରେ ଅନ୍ତର୍ଭୁକ୍ତ ହେଉଥିବା ଲୋକମାନଙ୍କ ବିଷୟରେ ବର୍ଣ୍ଣନା କରିଥାଏ । ଅନେକ ଲୋକ ମୋତେ ପତ୍ର ଲେଖିଥାନ୍ତି କି ଏଭଳି ଘଟଣାମାନ ବାରମ୍ବାର ଶୁଣାନ୍ତୁ କାରଣ ଏହା ହୃଦୟସ୍ପର୍ଶୀ ହେବା ହେତୁ ଆମ ପିଲାମାନଙ୍କର ଧ୍ୟାନ ଏଥିପ୍ରତି ଆକର୍ଷିତ ହୋଇଥାଏ । ଯୁବକମାନଙ୍କ ଧାର୍ମିକ ଓ ଆଧ୍ୟାତ୍ମିକ ଅବସ୍ଥାରେ ଉନ୍ନତିର କାରଣ ସାବ୍ୟସ୍ତ ହୋଇଥାଏ ଏବଂ ତତ୍ ସହିତ ପୁଣି ଆମ ଇମାନ୍‌ର ଅବସ୍ଥାରେ ମଧ୍ୟ ଉନ୍ନତି ଆଣିଥାଏ ।

✶ ହଜରତ ମସିହ ମଉଦ ଆ.ସ ପବିତ୍ର କୋରାନର ପଙ୍କ୍ତି ୱଲ୍ ଲଜିନା ଜାହଦୁ ଫିନା ଲନହ୍‌ଦିୟନ୍ନହୁମ୍ ସୁବୁଲନା ସମ୍ବନ୍ଧରେ କୁହନ୍ତି ଯେଉଁମାନେ ଅଲ୍ଲାଃଙ୍କର ହୋଇଯାଇ ପ୍ରଚେଷ୍ଟା କରିଥାନ୍ତି ସେମାନଙ୍କ ପାଇଁ ଅଲ୍ଲାଃତାଲା ନିଜ ମାର୍ଗକୁ ଉନ୍ମୁକ୍ତ କରିଥାନ୍ତି । ଯେଉଁମାନେ ଚେଷ୍ଟା କରିବା ସହିତ ଏପରି ଚିନ୍ତାରେ ମଗ୍ନହୋଇ ଚେଷ୍ଟା କରିଥାନ୍ତି କି ଅଲ୍ଲାଃଙ୍କ ପ୍ରକୃତ ଧର୍ମର ସନ୍ଧାନ କରି ତାହାକୁ ପ୍ରାପ୍ତ କରିବେ । ଶେଷରେ ସେମାନେ ହିଁ ସତ୍‌ପଥକୁ ପ୍ରାପ୍ତ କରିବା ସହିତ ନିଜ ବିଶ୍ୱାସରେ ମଧ୍ୟ ଉନ୍ନତି କରିଚାଲିଥାନ୍ତି ।

✶ ତୁର୍କୀର ଜଣେ ମହିଳା ଶ୍ରୀମତି ମିରା ସାହେବା କୁହନ୍ତି ମୁଁ ମଧ୍ୟ ନିଜ ବୟତ କରିବାର ଘଟଣା ବର୍ଣ୍ଣନା କରିବାକୁ ଚାହେଁ । ୨୦୧୦ ମସିହାରେ ଜମାଅତ ସମ୍ବନ୍ଧରେ ଅବଗତ ହେଲି, ମୁଁ ଦେଖିଲି ମୋ ସ୍ୱାମୀ M.T.A ଆଲ୍ ଆରବିୟା ବେଶ୍ ଉତ୍ସୁକତାର ସହିତ ଦେଖୁଛନ୍ତି । ଅତଏବ ମୁଁ ମଧ୍ୟ ଉକ୍ତ କାର୍ଯ୍ୟକ୍ରମ ଦେଖିବା ଆରମ୍ଭ କରିଦେଲି ଏପରି କି ତାଙ୍କର ଅନୁପସ୍ଥିତିରେ ମଧ୍ୟ M.T.A ଦେଖେ । ତାପରେ ଦଜ୍ଜାଲ ସମ୍ବନ୍ଧରେ ଜମାଅତ ତିଆରୀ କରିଥିବା ଫିଲ୍ମ ମଧ୍ୟ ଦେଖିଲି ଯାହାର ବ୍ୟାଖ୍ୟା ବେଶ୍ ଯୁକ୍ତି ଯୁକ୍ତ ଓ ସ୍ୱୀକାର ଯୋଗ୍ୟ ମନେହେଲା ଏବଂ ତାହା ପୂର୍ବରୁ ମୁଁ କଦାପି ଏହା ଶୁଣିନଥିଲି ।

✶ ତାପରେ ମୁଁ M.T.A ର କାର୍ଯ୍ୟକ୍ରମ ଅଧିକ ଦେଖିବା ଆରମ୍ଭ କରିଦେଲି ଏବଂ ହିୱାର୍‌ର କାର୍ଯ୍ୟକ୍ରମ ଦେଖିବା ସହିତ ନିୟମିତ ଭାବରେ ତହଯୁଦ୍ ପାଠକଲି । ଏକଦା ଅବଦୁଲ୍ କାଦିର୍ ଅୱୁଦେ ସାହେବ ଗସ୍ତରେ ଆସିଥିଲେ ସେତେବେଳେ ମୁଁ ବୟତ କରିନେଲି । ତାପରେ ମୋ ବୋହୁ ଓ କନ୍ୟାମାନେ ମଧ୍ୟ ବୟତ କରିନେଲେ । ଆମେ ଜମାଅତ ସମ୍ବନ୍ଧରେ ଚର୍ଚ୍ଚା କରୁ ଏବଂ ସମସ୍ତେ ଏହିଥିରେ ଏକ ମତ ହେଉ କି ଏହା ହିଁ ପ୍ରକୃତ ଇସଲାମ ଅଟେ ।

✶ ପୁଣି ଖତମେ ନବୁୱତର ସତ୍ୟାସତ୍ୟ ବର୍ଣ୍ଣାନା କରି ହଜୁର ଆ.ସ କୁହନ୍ତି- ଆମ୍ଭକୁ ଅଲ୍ଲାଃତାଲା ସେହି ନବୀ ପ୍ରଦାନ କରିଛନ୍ତି ଯେ ଖାତମୁଲ୍ ମୁମିନିନ୍, ଖାତମୁଲ୍ ଆରିଫିନ୍ ଓ ଖାତମୁନ୍ ନବୀଇନ୍ ଅଟନ୍ତି ଏବଂ ସେହିପରି ସେହି ପୁସ୍ତକ ଅବତୀର୍ଣ୍ଣ କଲେ ଯାହା ହେଉଛି ସମସ୍ତ ପୁସ୍ତକର ସମାବେଶ ଏବଂ ଖାତମୁଲ୍ କିତାବ ଅଟେ । ହଜରତ ମହମ୍ମଦ ସ:ଆ:ସ ଯେ ଖାତମୁନ୍ ନବୀ ଅଟନ୍ତି ଏବଂ ଆପଣଙ୍କଠାରେ ନବୁୱତ ଶେଷ ହେଲା । ତେବେ ଏହି ନବୁୱତ ଏପରି ଶେଷ ହୋଇ ନାହିଁ ଯେମିତି କେହି କାହାର ଗଳା ଚିପି ଶେଷ (ହତ୍ୟା) କରିଦେଇଥାଏ । ଏଭଳି ଖତମ୍‌ର ଗର୍ବ କରିବା ଯୋଗ୍ୟ ନୁହେଁ ବରଂ ହଜରତ ମହମ୍ମଦ ସ:ଆ:ସ ଙ୍କ ଅସ୍ତିତ୍ୱରେ ନବୁୱତ ଶେଷ ହେବାରେ ମର୍ମ ହଜରତ ଆଦମ ଆ.ସଙ୍କଠାରୁ ଆରମ୍ଭ କରି ମରିୟମ୍ ନନ୍ଦନ ହଜରତ ଇସା ଆ.ସଙ୍କ ପର୍ଯ୍ୟନ୍ତ ଯେଭଳି ନବୀମାନଙ୍କ ଉତମ ଗୁଣାବଳୀ ଥିଲା ସେ ସମସ୍ତ ସୁଗୁଣ ଆପଣଙ୍କଠାରେ ଏକତ୍ରିତ କରିଦିଆଗଲା ।

✶ ଏହିପରି ଆପଣଙ୍କୁ ଖାତମୁନ୍ ନବୀଇନ୍‌ର (ମର୍ଯ୍ୟାଦା) ପ୍ରଦାନ କରାଗଲା ଏବଂ ଏହିପରି ସଂସାରର ସମସ୍ତ ଶିକ୍ଷା, ରହସ୍ୟ ଓ ଜ୍ଞାନରୂପକ ରସାତ୍ମକ ଯାହା ସବୁ ବିଭିନ୍ନ ପୁସ୍ତକ ତଥା ପୂର୍ବ ଧାର୍ମିକ ପୁସ୍ତକରେ ଦରଜ ଥିଲା ତାହା ସବୁ ପବିତ୍ର କୋରାନରେ ନିହିତ ହୋଇଗଲା ଏବଂ ଏହିପରି ପବିତ୍ର କୋରାନ ସର୍ବଶ୍ରେଷ୍ଠ ପୁସ୍ତକ ରୂପେ ବିବେଚିତ ହେଲା ।

✶ ହଜୁର ଅନୱର ଅ.ବ କହିଲେ- ଆଜି ଜମାଅତ ଅହେମଦିଆ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ଦ୍ୱାରା ଏକେଶ୍ୱରବାଦ ଓ ହଜରତ ମହମ୍ମଦ ସ.ଆଙ୍କ ନବୁୱତକୁ ବିଶ୍ୱର ପ୍ରତ୍ୟେକ ବସ୍ତି, ଗ୍ରାମ ଓ ଗଳିକନ୍ଦିରେ ପ୍ରସାରିତ କରୁଅଛି । ସୁତରାଂ ଆମ୍ଭେ ଖତମେ ନବୁୱତ ଓ ଆପଣଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଶରିୟତର ପ୍ରକୃତ ମର୍ମ ବୁଝିଛୁ ଏବଂ ଏହା ହଜରତ ମସିହ ମଉଦ ଆ.ସ ହିଁ ଅନ୍ୟ ଧର୍ମଲମ୍ବୀମାନଙ୍କୁ ହଜରତ ମହମ୍ମଦ ସ.ଆଙ୍କ ସ୍ତର ଓ ମର୍ଯ୍ୟାଦା ସମ୍ବନ୍ଧରେ ଖୋଲିକରି ବୁଝାଇଲେ ଏବଂ ଆପଣ କେବଳ ହଜୁର ସ.ଆଙ୍କ ସ୍ତର ନିର୍ଦ୍ଧାରଣ କଲେ ନାହିଁ ବରଂ କହିଲେ କି ପୂର୍ବ ନବୀମାନଙ୍କ ଶିକ୍ଷାରେ ଏଭଳି ପରିବର୍ତନ ଘଟିଛି ଯେ ସେମାନଙ୍କର ସ୍ଥାନ ଓ ସତ୍ୟବାଦୀ ହେବା ମଧ୍ୟ ଜଣାପଡୁ ନାହିଁ । ଏହା ମଧ୍ୟ ହଜୁର ସ.ଆଙ୍କର ସ୍ଥାନ ଅଟେ ଯେ ଆପଣ ପୂର୍ବ ଅବତାରମାନଙ୍କୁ ସତ୍ୟବାଦୀ ହେବାର ଦର୍ଶାଇଲେ ।

---

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୦୬ ଅକ୍ଟୋବର ୨୦୧୭ ଅନୁଯାୟୀ ୦୬ ଇଖା ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ

أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ

اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَإِيَّاكَ نَسْتَعِيْنُ.

اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ମୁଁ ସମୟେ ସମୟେ ଏପରି ଇମାନ୍ ଅଫ୍‌ରୋଜ୍ ୱାକେୟାତ୍(ବିଶ୍ୱାସବର୍ଦ୍ଧକ ଘଟଣା ଗୁଡିକ)ଜମାଅତରେ ଅନ୍ତର୍ଭୁକ୍ତ ହେଉଥିବା ଲୋକମାନଙ୍କ ବିଷୟରେ ବର୍ଣ୍ଣନା କରିଥାଏ । ଅନେକ ଲୋକ ମୋତେ ପତ୍ର ଲେଖିଥାନ୍ତି କି ଏଭଳି ଘଟଣାମାନ ବାରମ୍ବାର ଶୁଣାନ୍ତୁ କାରଣ ଏହା ହୃଦୟସ୍ପର୍ଶୀ ହେବା ହେତୁ ଆମ ପିଲାମାନଙ୍କର ଧ୍ୟାନ ଏଥିପ୍ରତି ଆକର୍ଷିତ ହୋଇଥାଏ । ଯୁବକମାନଙ୍କ ଧାର୍ମିକ ଓ ଆଧ୍ୟାତ୍ମିକ ଅବସ୍ଥାରେ ଉନ୍ନତିର କାରଣ ସାବ୍ୟସ୍ତ ହୋଇଥାଏ ଏବଂ ତତ୍ ସହିତ ପୁଣି ଆମ ଇମାନ୍‌ର ଅବସ୍ଥାରେ ମଧ୍ୟ ଉନ୍ନତି ଆଣିଥାଏ । କେତେକ ଜନ୍ମରୁ ଅହେମଦି ଥିବା ଲୋକେ ଲେଖିଥାନ୍ତି ଯେ ନୂତନ

ଅହେମଦିମାନଙ୍କ ବିଶ୍ୱାସ ଓ ଅଲ୍ଲାଃଙ୍କ ସହ ତାଙ୍କର ସମ୍ପର୍କ ଦେଖି ଆମକୁ (ନିଜ ଉପରେ) ଲାଜ ଲାଗୁଛି ଏବଂ ଆମର ଧ୍ୟାନ ଆକର୍ଷିତ କରୁଅଛି କି ଆମେ ମଧ୍ୟ ବିଶ୍ୱାସରେ ବଢ଼ିବାକୁ ଚେଷ୍ଟା କରିବା ଉଚିତ୍ । ଏହିପରି କେତେକ ନୂତନ ଅହେମଦିମାନେ ଯେଉଁ ଘଟଣାମାନ ପ୍ରକାଶ କରିଥାନ୍ତି ତାହା ଆମ ବିଶ୍ୱାସକୁ ଅଭିବୃଦ୍ଧି କରିଥାଏ ।

ହଜରତ ମସିହ ମଉଦ ଆ.ସ ପବିତ୍ର କୋରାନର ପଙ୍କ୍ତି **ୱ୍ଲ ଲଜିନା ଜାହଦୁ ଫିନା ଲନହ୍‌ଦିୟନ୍ନହୁମ୍ ସୁବୁଲନା** ସମ୍ବନ୍ଧରେ କୁହନ୍ତି ଯେଉଁମାନେ ଅଲ୍ଲାଃଙ୍କର ହୋଇଯାଇ ପ୍ରଚେଷ୍ଟା କରିଥାନ୍ତି ସେମାନଙ୍କ ପାଇଁ ଅଲ୍ଲାଃତାଲା ନିଜ ମାର୍ଗକୁ ଉନ୍ମୁକ୍ତ କରିଥାନ୍ତି । ଯେଉଁମାନେ ଚେଷ୍ଟା କରିବା ସହିତ ଏପରି ଚିନ୍ତାରେ ମଗ୍ନହୋଇ ଚେଷ୍ଟା କରିଥାନ୍ତି କି ଅଲ୍ଲାଃଙ୍କ ପ୍ରକୃତ ଧର୍ମର ସନ୍ଧାନ କରି ତାହାକୁ ପ୍ରାପ୍ତ କରିବେ । ଶେଷରେ ସେମାନେ ହିଁ ସତ୍‌ପଥକୁ ପ୍ରାପ୍ତ କରିବା ସହିତ ନିଜ ବିଶ୍ୱାସରେ ମଧ୍ୟ ଉନ୍ନତି କରିଚାଲିଥାନ୍ତି । କେତେକ ଲୋକମାନଙ୍କ ଉପରେ ଅଲ୍ଲାଃତାଲା ସେମାନଙ୍କର କିଛି ଉତମକର୍ମ ଯୋଗୁଁ ସେମାନଙ୍କ ଉପରେ କୃପା ଦୃଷ୍ଟି ସ୍ୱରୂପ ସତ୍‌ପଥ ପ୍ରଦର୍ଶନ କରିଥାଏ । ସୁତରାଂ ଯେଉଁ ଘଟଣାବଳୀ ଆମେ ବର୍ଣ୍ଣନା କରିଥାଉ ତାହା ଏପରି ଲୋକମାନଙ୍କର ବିଶ୍ୱାସ ବର୍ଦ୍ଧକ ଘଟଣା ଅଟେ । ଯେଉଁମାନେ ଏହି ଚେଷ୍ଟାରେ ରହିଥାନ୍ତି କି କିଭଳି ଆମକୁ ସତ୍‌ପଥ ପ୍ରାପ୍ତ ହେବ ଓ ସେମାନଙ୍କୁ ସେମାନଙ୍କ ଉତମ କର୍ମ ନିମନ୍ତେ ଅଲ୍ଲାଃଙ୍କ ବିଶେଷ କୃପା ଲାଭ ହୋଇଥାଏ ।

ହଜୁର ଅନଓ୍ୱର ଅ.ବ କେତେକ ନୂତନ ଅହେମଦିଙ୍କ ବିଶ୍ୱାସ ବର୍ଦ୍ଧକ ଘଟଣା ଚର୍ଚ୍ଚା କରି କହିଲେ- ଫ୍ରାନସ୍‌ର ଜଣେ ମହିଳା ଶ୍ରୀମତି ଆସିୟା ସାହେବା କୁହନ୍ତି ପ୍ରତିଦିନ ପରି ଏକଦା ଇଣ୍ଟରନେଟ୍‌ରେ ନୂତନ ଚ୍ୟାନେଲ୍ ଖୋଜୁଥିଲି ହଠାତ୍ ମୋତେ ହିଓ୍ୱାରୁଲ୍ ମୁବାଶିର୍ ଲିଙ୍କ୍ ମିଳିଗଲା ଯେଉଁଥିରେ ମସିହଙ୍କ ମୃତ ହେବା ବିଷୟରେ କାର୍ଯ୍ୟକ୍ରମ ପ୍ରସାରଣ ହେଉଥିଲା । ମୁଁ ସମସ୍ତ ପ୍ରକାର ସନ୍ଦେହରୁ ମୁକ୍ତ ହୋଇ ବିଶ୍ୱାସ ଓ ନ୍ୟାୟବନ୍ତ ଦୃଷ୍ଟିରେ ସୁଦୃଢ଼ ଓ ଅପ୍ରତ୍ୟାକ୍ଷାନ ଦଲିଲ୍ ଶୁଣି ଆଶ୍ଚର୍ଯ୍ୟିତ ରହିଗଲି । ସେ କୁହନ୍ତି ଏହାର କିଛି ଦିନ ପୂର୍ବରୁ ମୁଁ ସ୍ୱପ୍ନରେ ଦେଖିଥିଲି କି ମୁଁ ଏକ ଅନ୍ଧକାରମୟ କୂଅ ଭିତରେ ପଡ଼ିଯାଉଛି, ଆଉ କୂଅର ଚଉରାକୁ ଦୁଇ ହାତରେ ଜୋର୍‌ରେ ଯାବୁଡ଼ି ଧରିଛି ଏବଂ ମୋର ଗୋଡ଼ କୂଅର ଭିତର ପାର୍ଶ୍ୱକୁ ଲଟକି ରହିଛି । ହଠାତ୍ କୁଅ ଉପରେ ମୋତେ ୩/୪ ଜଣ ଶ୍ୱେତ ରଙ୍ଗର ପକ୍ଷୀ ଦେଖାଗଲେ ଯାହାଙ୍କର ରଙ୍ଗ ଅତ୍ୟଧିକ ଶ୍ୱେତ ଅଟେ । କିନ୍ତୁ ମୋତେ ଜଣା ନାହିଁ ସେମାନେ କିଏ । ସେମାନେ ମୋତେ ରକ୍ଷା କରିବାକୁ ଚେଷ୍ଟା କରୁଥିଲେ । ସେ କୁହନ୍ତି ପ୍ରଥମେ ଏହି ସ୍ୱପ୍ନର ମର୍ମ ବୁଝାପଡ଼ିଲା ନାହିଁ କିନ୍ତୁ ପରବର୍ତୀ ସମୟରେ ଜାଣିପାରିଲି ଯେ ସେମାନେ ହିଓ୍ୱାରୁଲ୍ ମୁବାଶିର୍ କାର୍ଯ୍ୟକ୍ରମର ସଦସ୍ୟ । ଯେଉଁମାନେ ପକ୍ଷୀ ରୂପରେ ମୋତେ ଦେଖାଦେଇଥିଲେ । ମୁଁ ଜମାଅତର ପୁସ୍ତକ ଗୁଡିକ ଓ ହଜରତ ମସିହ ମଉଦ ଆ.ସଙ୍କ ପୁସ୍ତକର ଅଧ୍ୟୟନ କରିବା ପାଇଁ ନିଷ୍ପତି ନେଲି ଯେଉଁଥିରେ ମୋତେ ଇସଲାମ ବିରୋଧୀ କୌଣସି କଥା ଦୃଶ୍ୟମାନ ହେଲା ନାହିଁ । ବରଂ ମୋତେ ହଜୁର ଆ.ସଙ୍କ ପବିତ୍ର ଅସ୍ତିତ୍ୱରେ ଇସଲାମ, ମୁସଲମାନ ଏବଂ ହଜରତ ମହମ୍ମଦ ସ.ଆଙ୍କ ସପକ୍ଷରେ ପୂର୍ଣ୍ଣ ଦୃଢ଼ତାର ସହିତ ବର୍ଣ୍ଣନା ହେବା ଦେଖିବାକୁ ମିଳିଲା । ଆପଣଙ୍କ ପୁସ୍ତକ ଇସଲାମର ଶତ୍ରୁମାନଙ୍କ ଉପରେ ଏକ ରୋବ୍(ଆଧ୍ୟାତ୍ମିକ ପ୍ରଭାବ) ପ୍ରଦର୍ଶନ କରୁଅଛି । ସେ କୁହନ୍ତି ତାପରେ ମୁଁ ଇସତେଖାରା କଲି ଏବଂ ପରିଶେଷରେ ବୟତ କରିନେଲି ।

ତୁର୍କୀର ଜଣେ ମହିଳା ଶ୍ରୀମତି ମିରା ସାହେବା କୁହନ୍ତି ମୁଁ ମଧ୍ୟ ନିଜ ବୟତ କରିବାର ଘଟଣା ବର୍ଣ୍ଣନା କରିବାକୁ ଚାହେଁ । ୨୦୧୦ ମସିହାରେ ଜମାଅତ ସମ୍ବନ୍ଧରେ ଅବଗତ ହେଲି, ମୁଁ ଦେଖିଲି ମୋ ସ୍ୱାମୀ M.T.A ଆଲ୍ ଆରବିୟା ବେଶ୍ ଉତ୍ସୁକତାର ସହିତ ଦେଖୁଛନ୍ତି । ଅତଏବ ମୁଁ ମଧ୍ୟ ଉକ୍ତ କାର୍ଯ୍ୟକ୍ରମ ଦେଖିବା ଆରମ୍ଭ କରିଦେଲି ଏପରି କି ତାଙ୍କର ଅନୁପସ୍ଥିତିରେ ମଧ୍ୟ M.T.A ଦେଖେ । ତାପରେ ଦଜ୍ଜାଲ ସମ୍ବନ୍ଧରେ ଜମାଅତ ତିଆରୀ କରିଥିବା ଫିଲ୍ମ ମଧ୍ୟ ଦେଖିଲି ଯାହାର ବ୍ୟାଖ୍ୟା ବେଶ୍ ଯୁକ୍ତି ଯୁକ୍ତ ଓ ସ୍ୱୀକାର ଯୋଗ୍ୟ ମନେହେଲା ଏବଂ ତାହା ପୂର୍ବରୁ ମୁଁ କଦାପି ଏହା ଶୁଣିନଥିଲି । ତାପରେ ମୁଁ M.T.A ର କାର୍ଯ୍ୟକ୍ରମ ଅଧିକ ଦେଖିବା ଆରମ୍ଭ କରିଦେଲି ଏବଂ ହିଓ୍ୱାରର କାର୍ଯ୍ୟକ୍ରମ ଦେଖିବା ସହିତ ନିୟମିତ ଭାବରେ ତହଯୁଦ୍ ପାଠକଲି । ଏକଦା ଅବଦୁଲ୍ କାଦିର୍ ଓ୍ୱଦେ ସାହେବ ଗସ୍ତରେ ଆସିଥିଲେ ସେତେବେଳେ ମୁଁ ବୟତ କରିନେଲି । ତାପରେ ମୋ ବୋହୁ ଓ କନ୍ୟାମାନେ ମଧ୍ୟ ବୟତ କରିନେଲେ । ଆମେ ଜମାଅତ ସମ୍ବନ୍ଧରେ ଚର୍ଚ୍ଚା କରୁ ଏବଂ ସମସ୍ତେ ଏହିଥିରେ ଏକ ମତ ହେଉ କି ଏହା ହିଁ ପ୍ରକୃତ ଇସଲାମ ଅଟେ । ସେ କୁହନ୍ତି ଯେଉଁଦିନ ମୁଁ ବୟତ କଲି ସେହି ଦିନ ସ୍ୱପ୍ନରେ ଦେଖିଲି କି ମୁଁ ସୁରେ କାହଫ୍ ପାଠ କରୁଅଛି । ସେଥିରୁ ମୁଁ ନିଶ୍ଚିତ ହୋଇଗଲି ଯେ, ଅଲ୍ଲାଃତାଲା ଆମ୍ଭକୁ ଦଜ୍ଜାଲର ଆକ୍ରମଣରୁ ରକ୍ଷା କରିବେ । ମୁଁ ଇମାମ ମେହେଦିଙ୍କର ସାହାର୍ଯ୍ୟକାରୀଙ୍କ ଭିତରୁ ଜଣେ ହେବି । ଅଲ୍ଲାଃଙ୍କର ଅଶେଷ କୃପା ଯେ ସେ ଆମ୍ଭକୁ ଇମାନ ପ୍ରଦାନ କଲେ । ଅଲ୍ଲାଃତାଲା କରନ୍ତୁ ମୁଁ ଏହି କର୍ତବ୍ୟ ସଠିକ୍ ରୂପେ ସମ୍ପାଦନ କରେ ।

ହଜୁର ଅନଓ୍ୱର ଅ.ବ କହିଲେ- ନୂତନ ଜମାଅତ କାଏମ୍ (ସ୍ଥାପନ) ହେବା ସମ୍ବନ୍ଧରେ କେତେକ ଘଟଣା ରହିଛି କି ତାହା କିପରି ଅଲ୍ଲାଃତାଲା ସ୍ଥାପନ କଲେ । ବେନିନ୍‌ର ମୁବଲ୍ଲିଗ୍ ସାହେବ ଶ୍ରୀମାନ ଅବଦୁଲ୍ କୁଦୁସ୍ ସାହେବ ଲେଖିଛନ୍ତି ଯେ ଜଣେ ମୌଲିମ୍ ଜକରିୟା ସାହେବ୍ ଗୋଟିଏ ଗ୍ରାମକୁ ପ୍ରଚାର ନିମନ୍ତେ ଗଲେ ସେଠାକାର ଜଣେ ବନ୍ଧୁ ତାଙ୍କୁ କହିଲେ ବର୍ତମାନ ଗ୍ରାମର ଲୋକେ କାମ କରିବା ପାଇଁ ବାହାରକୁ ଯାଇଛନ୍ତି, ଆପଣ ଜୁମା ଦିନ ଆସିଲେ ସମସ୍ତଙ୍କୁ ଭେଟି ପାରିବେ । ଅତଏବ ମୌଲିମ୍ ସାହେବ ଜୁମା ଦିନ ପୁନର୍ବାର ଉକ୍ତ ଗ୍ରାମକୁ ଗଲେ ଏବଂ ସେଠାରେ ପହଂଚି ମସଜିଦ୍‌ରେ ଦୁଇ ରେକାତ୍ ନଓ୍ୱାଫିଲ୍ ପାଠ କଲେ ତାପରେ ଇମାମ ସାହେବ ଓ ଗ୍ରାମର କମିଟିର ଅନୁମତିକ୍ରମେ ପ୍ରଚାର ଆରମ୍ଭ କଲେ । ମୌଲିମ୍ ସାହେବ ସୁରେ ଫାତିହାର ବ୍ୟାଖ୍ୟା ଓ ଇମାମ ମେହେଦିଙ୍କ ଆଗମନ ସଂକ୍ରାନ୍ତରେ ବକ୍ତୃତା ଉପସ୍ଥାପନ କଲେ, ଯେଉଁଥିରେ ଲୋକେ ଅଲ୍ଲାଃହୁଆକ୍‌ବାର୍‌ର ଶ୍ଳୋଗାନ ଦେବା ଆରମ୍ଭ କରିଦେଲେ । ପ୍ରଚାର ପରେ ମସଜିଦ୍ କମିଟିର ସଦର ସାହେବ କହିଲେ ମୁଁ ମୁସଲମାନ ଘରେ ଜନ୍ମିତ କିନ୍ତୁ ଆଜି ପର୍ଯ୍ୟନ୍ତ ସୁରେ ଫାତିହାର ଏପରି ବ୍ୟାଖ୍ୟା କଦାପି ଶୁଣିନଥିଲି । ଯଦି ଏହା ଜମାଅତ ଅହେମଦିଆର ଶିକ୍ଷା ଅଟେ ତେବେ ମୁଁ ସମସ୍ତଙ୍କୁ ସୁଭେଚ୍ଛା ଜଣାଉଛି କି ଆମେ ସମସ୍ତେ ଏହି ଜମାଅତରେ ଅନ୍ତର୍ଭୁକ୍ତ ହେଉଅଛୁ । ଅତଏବ ସେଠାକାର ଇମାମଙ୍କ ସହିତ ସମସ୍ତ ଗ୍ରାମବାସୀ ଜମାଅତରେ ସାମିଲ ହୋଇଗଲେ । ଏପରି ଏକ ନୂତନ ଜମାଅତର ସ୍ଥାପନ ହେଲା ।

ନୂତନ ଜମାଅତର ପ୍ରତିଷ୍ଠା ସମ୍ବନ୍ଧରେ ଜଓ୍ୱାରୁଶା ଅଂଚଳର ଏକ ଘଟଣା ଉପସ୍ଥାପନ କରୁଅଛି । ସେଠାକାର ମୁରବୀ ସାହେବ ଲେଖିଛନ୍ତି ଅଲ୍ଲାଃତାଲାଙ୍କ କୃପାରୁ ଗୋଟିଏ ନୂଆ ଇଲାକାରେ ଜମାଅତ ଗଠନ ହେଲା । ସାମେ ଜିଲ୍ଲାର ଗୋଟିଏ ଗ୍ରାମ କସଓ୍ୱାନିରେ କୌଣସି ଅହେମଦି ନଥିଲେ । ସେଠାକୁ ବାରମ୍ବାର ଗସ୍ତ କରିବାର ଅବସର ମିଳିଲା, ସଂଖ୍ୟାଧିକ ପତ୍ରିକା ବଣ୍ଟନ କରିବା ସହିତ ଜମାଅତର ଖବରକାଗଜ ଓ ପୁସ୍ତକ ମଧ୍ୟ ବଣ୍ଟନ କରାଗଲା ଯଦ୍ୱାରା ବର୍ତମାନ ସେଠାରେ କେବଳ ବୟତ ହେଉ ନାହିଁ ବରଂ ସୁଦୃଢ଼ ଜମାଅତର ପ୍ରତିଷ୍ଠା ହୋଇଯାଇଛି ଏବଂ ଅଲ୍ଲାଃଙ୍କ କୃପାରୁ ଏଠାରେ ମସଜିଦ୍ ନିର୍ମାଣ ପାଇଁ ପ୍ଲଟ କିଣାଯାଅଛି । ସ୍ଥାନୀୟ ବାସିନ୍ଦାର ଲୋକେ ମସଜିଦ୍ ପାଇଁ ଇଟା ତିଆରି କରିବାରେ କାର୍ଯ୍ୟରତ କିନ୍ତୁ ଏଥି ସହିତ ଅଣଅହେମଦୀ ମାନଙ୍କ ମୁଖାଲିଫତ୍ ମଧ୍ୟ ଆରମ୍ଭ ହୋଇଯାଇଛି । ବିରୋଧୀମାନେ ଜମାଅତ ବିରୁଦ୍ଧରେ ଅପପ୍ରଚାର ଓ ଅସଭ୍ୟ ଭାଷା ପ୍ରୟୋଗ କରିଚାଲିଛନ୍ତି । ମୁରବୀ ସାହେବ ଲେଖିଛନ୍ତି ଆମେ ପ୍ରଶାସନଠାରୁ ଅନୁମତି ନେଇ ମୁନାଜରା (ଧର୍ମତର୍କ)ର ବ୍ୟବସ୍ଥା କଲୁ । ସମଗ୍ର ଗ୍ରାମରେ ଘୋଷଣା କରିବା ସହିତ ସୁନ୍ନି ମୌଲବିମାନଙ୍କୁ ଏଥିନିମନ୍ତେ ନିମନ୍ତ୍ରଣ ଦେଲୁ କି ଯଦି ତୁମେ ସତ୍ୟବାଦୀ ଅଟ ତେବେ ଆସି ସମସ୍ତଙ୍କ ସମ୍ମୁଖରେ (ତର୍କରେ) ପ୍ରମାଣ କରିଦିଅନ୍ତୁ । ଅତଏବ ଧାର୍ଯ୍ୟ କାର୍ଯ୍ୟକ୍ରମ ଅନୁଯାୟି ମୁନାଜରା ଆରମ୍ଭ ହେଲା ଏବଂ ଅନେକ ଅଣଅହେମଦି ଏଥିରେ ଯୋଗଦେଲେ କିନ୍ତୁ ସୁନ୍ନି ମୌଲବିମାନଙ୍କ ମଧ୍ୟରୁ କେହି ହେଲେ ଉପସ୍ଥିତ ହେଲେ ନାହିଁ । ସୁତରାଂ ଗ୍ରାମବାସୀମାନେ ଜାଣିନେଲେ ଯେ, ମୌଲବୀମାନଙ୍କ ନିକଟରେ ଅପପ୍ରଚାର କରିବା ବ୍ୟତୀତ ଅନ୍ୟ କିଛି ନାହିଁ ।

ବୁରକିନାଫାସୋର ଅମିର ସାହେବ ଲେଖିଛନ୍ତି ନାବିର ଗ୍ରାମରେ ପ୍ରଚାର କରାଗଲା ଏବଂ ସେଠାରେ ଅଲ୍ଲାଃଙ୍କ କୃପାରୁ ବହୁ ସଂଖ୍ୟାରେ ବୟତ ମଧ୍ୟ ହେଲା । ସେଠାରେ ଏକ କଚ୍ଚା ମସଜିଦ୍‌ରେ ଜଣେ ମୌଲିମ୍ ସାହେବଙ୍କୁ ନିୟୋଜିତ କରାଗଲା ଏବଂ ନିୟମିତ ଭାବରେ ଜୁମା ଆରମ୍ଭ କରାଗଲା । କିନ୍ତୁ ମୌଲବୀମାନେ ବିରୁଦ୍ଧାଚରଣ କରିବା ଆରମ୍ଭ କରିଦେଲେ ଏବଂ ଠିକ୍ ଜୁମା ସମୟରେ ଆସି ଲୋକମାନଙ୍କୁ ଭଣ୍ଡାଇଲେ କି ଜମାଅତରୁ ଫେରିଯାଆନ୍ତୁ କିନ୍ତୁ ଜମାଅତର ସଂଖ୍ୟା କ୍ରମାଗତ ଭାବରେ ବଢ଼ିଚାଲିଛି । ସେଠାରେ ମୌଲବୀମାନେ କେବଳ ଖତମେ୍ ନବୁଓ୍ୱତର ନାମ ଶୁଣିଛନ୍ତି କିନ୍ତୁ ତାହାର ସତ୍ୟାସତ୍ୟ ଏବଂ ତାହା ଉପରେ ବିଶ୍ୱାସ ଆଣିବା ଅର୍ଥ ଜାଣି ନାହାନ୍ତି । କିନ୍ତୁ ଆମେ ସ୍ୱଚ୍ଛ ଓ ସ୍ୱଷ୍ଟରୂପେ ବିଶ୍ୱାସ ରଖୁଛୁ ଯେ, ହଜରତ ମହମ୍ମଦ ସ:ଆ:ସ ଖାତମୁନ୍ ନବୀ ଅଟନ୍ତି । ଅଲ୍ଲାଃତାଲା ଆମ୍ଭ ଉପରେ ଖତମେ୍ ନବୁଓ୍ୱତର ରହସ୍ୟ ଏଭଳି ଉନ୍ମୁକ୍ତ ଭାବେ ଖୋଲିଦେଇଛନ୍ତି କି ସେହି ପ୍ରକାଶର ଶରବତ ଯାହାକି ଆମକୁ ପାନକରାଗଲା । ସେଥିରୁ ବିଶେଷ ସ୍ୱାଦ ଲାଭ କରୁଅଛୁ । ଯାହାର କେହି କଳନା କରିପାରିବେ ନାହିଁ, ସେହି ଲୋକମାନଙ୍କ ବ୍ୟତୀତ ଯେ ଏହି ଝରଣାରୁ ନିଜର ତୃଷ୍ଣା ମେଣ୍ଟାଇବେ ।

ପୁଣି ଖତମେ ନବୁଓ୍ୱତର ସତ୍ୟାସତ୍ୟ ବର୍ଣ୍ଣାନା କରି ହଜୁର ଆ.ସ କୁହନ୍ତି- ଆମ୍ଭକୁ ଅଲ୍ଲାଃତାଲା ସେହି ନବୀ ପ୍ରଦାନ କରିଛନ୍ତି ଯେ ଖାତମୁଲ୍ ମୁମିନିନ୍, ଖାତମୁଲ୍ ଆରିଫିନ୍ ଓ ଖାତମୁନ୍ ନବୀଇନ୍ ଅଟନ୍ତି ଏବଂ ସେହିପରି ସେହି ପୁସ୍ତକ ଅବତୀର୍ଣ୍ଣ କଲେ ଯାହା ହେଉଛି ସମସ୍ତ ପୁସ୍ତକର ସମାବେଶ ଏବଂ ଖାତମୁଲ୍ କିତାବ ଅଟେ । ହଜରତ ମହମ୍ମଦ ସ:ଆ:ସ ଯେ ଖାତମୁନ୍ ନବୀ ଅଟନ୍ତି ଏବଂ ଆପଣଙ୍କଠାରେ ନବୁଓ୍ୱତ ଶେଷ ହେଲା । ତେବେ ଏହି ନବୁଓ୍ୱତ ଏପରି ଶେଷ ହୋଇ ନାହିଁ ଯେମିତି କେହି କାହାର ଗଳା ଚିପି ଶେଷ (ହତ୍ୟା) କରିଦେଇଥାଏ । ଏଭଳି ଖତମ୍‌ର ଗର୍ବ କରିବା ଯୋଗ୍ୟ ନୁହେଁ ବରଂ ହଜରତ ମହମ୍ମଦ ସ:ଆ:ସ ଙ୍କ ଅସ୍ତିତ୍ୱରେ ନବୁଓ୍ୱତ ଶେଷ ହେବାରେ ମର୍ମ ହଜରତ

ଆଦମ ଆ.ସଙ୍କଠାରୁ ଆରମ୍ଭ କରି ମରିୟମ୍ ନନ୍ଦନ ହଜରତ ଇସା ଆ.ସଙ୍କ ପର୍ଯ୍ୟନ୍ତ ଯେଉଁଭଳି ନବୀମାନଙ୍କ ଉତମ ଗୁଣାବଳୀ ଥିଲା ସେ ସମସ୍ତ ସୁଗୁଣ ଆପଣଙ୍କଠାରେ ଏକତ୍ରିତ କରିଦିଆଗଲା । ଏହିପରି ଆପଣଙ୍କୁ ଖାତମୁନ୍ ନବୀଇନର (ମର୍ଯ୍ୟାଦା) ପ୍ରଦାନ କରାଗଲା ଏବଂ ଏହିପରି ସଂସାରର ସମସ୍ତ ଶିକ୍ଷା, ରହସ୍ୟ ଓ ଜ୍ଞାନରୂପକ ରସାତ୍ମକ ଯାହା ସବୁ ବିଭିନ୍ନ ପୁସ୍ତକ ତଥା ପୂର୍ବ ଧାର୍ମିକ ପୁସ୍ତକରେ ଦରଜ ଥିଲା ତାହା ସବୁ ପବିତ୍ର କୋରାନରେ ନିହିତ ହୋଇଗଲା ଏବଂ ଏହିପରି ପବିତ୍ର କୋରାନ ସର୍ବଶ୍ରେଷ୍ଠ ପୁସ୍ତକ ରୂପେ ବିବେଚିତ ହେଲା ।

ସୁତରାଂ ଏହା ହେଉଛି ସେହି ତଥ୍ୟମାନ ଯାହାଙ୍କ ବିଷୟରେ ଆମର ବିରୋଧୀମାନେ ଅଜ୍ଞ ଅଛନ୍ତି ଏବଂ ଯେଉଁଲୋକମାନେ ସେମାନଙ୍କ ଦ୍ୱାରା କବଳିତ ସେମାନଙ୍କୁ ମୌଲବୀମାନେ ନିଜ କବଳରୁ ମୁକ୍ତ କରିବାକୁ ଦେଉନାହାନ୍ତି । କାରଣ ଯଦି ସତ୍ୟତା ସେମାନେ ଜାଣି ନିଅନ୍ତି ତେବେ ସେମାନେ ଧମର ଯେଉଁ କାରବାରର ପନ୍ଥା କରିରଖିଛନ୍ତି ତାହା ଆଉ ଚାଲିବ ନାହିଁ ।

ହଜୁର ଅନଓ୍ୱର ଅ.ବ କହିଲେ- ଆଜି ଜମାଅତ ଅହେମଦିଆ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟ ଦ୍ୱାରା ଏକେଶ୍ୱରବାଦ ଓ ହଜରତ ମହମ୍ମଦ ସ.ଆଙ୍କ ନବୁଓ୍ୱତକୁ ବିଶ୍ୱର ପ୍ରତ୍ୟେକ ବସ୍ତି, ଗ୍ରାମ ଓ ଗଳିକନ୍ଦିରେ ପ୍ରସାରିତ କରୁଅଛି । ସୁତରାଂ ଆମ୍ଭେ ଖତମେ ନବୁଓ୍ୱତ ଓ ଆପଣଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଶରିୟତ୍ର ପ୍ରକୃତ ମର୍ମ ବୁଝିଛୁ ଏବଂ ଏହା ହଜରତ ମସିହ ମଉଦ ଆ.ସ ହିଁ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ହଜରତ ମହମ୍ମଦ ସ.ଆଙ୍କ ସ୍ତର ଓ ମର୍ଯ୍ୟାଦା ସମ୍ବନ୍ଧରେ ଖୋଲିକରି ବୁଝାଇଲେ ଏବଂ ଆପଣ କେବଳ ହଜୁର ସ.ଆଙ୍କ ସ୍ତର ନିର୍ଦ୍ଧାରଣ କଲେ ନାହିଁ ବରଂ କହିଲେ କି ପୂର୍ବ ନବୀମାନଙ୍କ ଶିକ୍ଷାରେ ଏଭଳି ପରିବର୍ତନ ଘଟିଛି ଯେ ସେମାନଙ୍କର ସ୍ଥାନ ଓ ସତ୍ୟବାଦୀ ହେବା ମଧ୍ୟ ଜଣାପଡୁ ନାହିଁ। ଏହା ମଧ୍ୟ ହଜୁର ସ.ଆଙ୍କର ସ୍ଥାନ ଅଟେ ଯେ ଆପଣ ପୂର୍ବ ଅବତାରମାନଙ୍କୁ ସତ୍ୟବାଦୀ ହେବାର ଦର୍ଶାଇଲେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ- ଆଜିକାଲିର ମୌଲବୀମାନେ ପରସ୍ପର ଉପରେ ଅଭିଯୋଗ ଲଗାଉଛନ୍ତି କିନ୍ତୁ ଏପରି ସତ୍‌ସାହସ ନାହିଁ କି ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ସେମାନଙ୍କ ଚେହେରା ଦେଖାଇ ସେମାନଙ୍କ ଦୁର୍ବଳତା ଦେଖାଇ ହଜରତ ମହମ୍ମଦ ସ.ଆଙ୍କ ଶ୍ରେଷ୍ଠତା ପ୍ରତିପାଦନ କରିବେ । ଏହା କେବଳ ହଜରତ ମସିହ ମଉଦ ଆ.ସଙ୍କ ପ୍ରଶିକ୍ଷଣ ଓ ପ୍ରଦତ ଜ୍ଞାନ ଦ୍ୱାରା ଜମାଅତ ଅହେମଦିଆ ସମ୍ପାଦନ କରୁଅଛି କିନ୍ତୁ ତଥାପି ସେମାନଙ୍କ ଦୃଷ୍ଟିରେ ଆମେ ଅମାନ୍ୟକାରୀ ଓ ସେମାନେ ହେଉଛନ୍ତି ମୋମିନ୍ ।

ଆମେ ମୁସଲମାନ ଅଟୁ ଏବଂ ଆମେ ଅଲ୍ଲାଃଙ୍କ ପୁସ୍ତକ କୋରାନ ମଜିଦ୍ ଉପରେ ବିଶ୍ୱାସ ରଖୁଛୁ କି ଆମର ଆକା ହଜରତ ମହମ୍ମଦ ସ.ଆ ଅଲ୍ଲାଃତାଲାଙ୍କ ନବୀ ଓ ତାଙ୍କ ରସୁଲ୍ ଅଟନ୍ତି ଏବଂ ଆପଣ ସର୍ବୋତମ ଧର୍ମ ନେଇ ଆସିଥିଲେ । ଆମେ ଏଥିରେ ମଧ୍ୟ ବିଶ୍ୱାସ ରଖୁଛୁ କି ଆପଣ ଖାତମୁନ୍ ନବୀ ଓ ଆପଣଙ୍କ ଅନ୍ତେ କୌଣସି ନବୀ ଆସିବେ ନାହିଁ କିନ୍ତୁ ସେ ଯେ ଆପଣଙ୍କ ପ୍ରଶିକ୍ଷଣ ଓ ଆପଣଙ୍କ ବିଭୂତିରୁ ଭାଗ ନେଇଥିବେ । ଯେଉଁ ବ୍ୟକ୍ତି ପବିତ୍ର କୋରାନରେ କିଛି ଅଧିକ କିମ୍ବା କମ୍ କରିବେ ତେବେ ସେ ସଇତାନ ଅଟେ । ଖତମେ ନବୁଓ୍ୱତର ଅର୍ଥ ଆମେ ଏହା ବୁଝିଥାଉ କି ଆମ୍ଭ ନବୀ ଶିରୋମଣୀ ଯିଏ ଅଲ୍ଲାଃଙ୍କ ସମସ୍ତ ରସୁଲ୍ ଓ ନବୀଙ୍କ ତୁଳନାରେ ଶ୍ରେଷ୍ଠ ଅଟନ୍ତି ତାଙ୍କଠାରେ ସମସ୍ତ ବିଶେଷତାର ସମାପ୍ତି ଘଟିଛି ଏବଂ ଆମ୍ଭେ ଏହି ବିଶ୍ୱାସ ରଖିଥାଉ କି ହଜୁର ସ.ଆଙ୍କ ଅନ୍ତେ ସେହି ବ୍ୟକ୍ତି ନବୀ ହେବାର ସୌଭାଗ୍ୟ ଅର୍ଜନ କରିପାରିବ ଯେ ଆପଣଙ୍କ ସମ୍ପ୍ରଦାୟର ହୋଇଥିବେ ଏବଂ ଆପଣଙ୍କର ପୂର୍ଣ୍ଣ ଅନୁଗାମୀ ହୋଇଥିବେ ଏବଂ ସେ ସମସ୍ତ ବିଭୂତି ଆପଣଙ୍କ ଆଧାତ୍ମିକତାରୁ ହିଁ ପ୍ରାପ୍ତ କରିଥିବେ ଓ ଆପଣଙ୍କ ଦିବ୍ୟାଲୋକରେ ଆଲୋକିତ ହୋଇଥିବେ । ଏହା (ନିଜ) ମର୍ଯ୍ୟାଦାର ସ୍ଥାନ ନୁହେଁ ନା ଏହା କୌଣସି ଭିନ୍ନ ନବୁଓ୍ୱତ ଅଟେ । ନା ଆଚମ୍ଭିତ ହେବାର ସ୍ଥାନ ବରଂ ଏ ତ ଅହେମଦେ ମୁଜତବା ଅଟେ । ଯିଏ ଦ୍ୱିତୀୟ ରୂପରେ ଆର୍ବିଭାବ ହୋଇଛନ୍ତି ଏବଂ କୌଣସି ବ୍ୟକ୍ତି ନିଜ ଛବିରେ ଯାହାକୁ ଅଲ୍ଲାଃ ଦର୍ପଣରେ ଦେଖାଇଲେ କିମ୍ବା ନିଜ ସ୍ୱାଭିମାନ ପ୍ରଦର୍ଶନ କରେ ନାହିଁ କାରଣ ଶିଷ୍ୟ ଓ ପୁତ୍ରମାନଙ୍କ ପାଇଁ ସ୍ୱାଭିମାନ ପ୍ରକାଶ ପାଇନଥାଏ । ସୁତରାଂ ଯେ ହଜରତ ମହମ୍ମଦ ସ.ଆଙ୍କଠାରୁ ବିଭୂତି ପ୍ରାପ୍ତ କରି ଏବଂ ଆପଣଙ୍କ ମଧ୍ୟରେ ଲିନ୍ନ ହୋଇ ଆବିର୍ଭାବ ହୋଇଥାଏ ପ୍ରକୃତରେ ସେ ସେହି ବ୍ୟକ୍ତି ଅଟେ । କାରଣ ସେ ପୂର୍ଣ୍ଣ ଲିନ୍ନ ହେବାର ସ୍ଥାନରେ ଅବସ୍ଥିତ ହୋଇଥାଏ ଏବଂ ଆପଣଙ୍କ ରଙ୍ଗରେ ଓ ଆପଣଙ୍କ ଚଦର ଘୋଡ଼ି ହୋଇଥାଏ । ଆପଣଙ୍କ ଦ୍ୱାରା ନିଜ ଆଧାତ୍ମିକତାକୁ ଜୀବନ୍ତ କରିଥାଏ ଏବଂ ଆପଣଙ୍କ କୃପା ଦ୍ୱାରା ତାହାର ଅସ୍ତିତ୍ୱ ପୂର୍ଣ୍ଣତାକୁ ପହଂଚିଥାଏ । ଏହା ସେହି ସତ୍ୟ ଯାହାକି ଆମ୍ଭ ନବୀ ହଜରତ ମହମ୍ମଦ ସ.ଆଙ୍କ ବରକତ୍ର ପ୍ରମାଣ ଅଟେ । ଲୋକେ ହଜରତ ମହମ୍ମଦ ସ.ଆଙ୍କ ସୌନ୍ଦର୍ଯ୍ୟ ତାବିୟିନ(ସାହାବାଙ୍କ ପରବର୍ତୀ ମାନ୍ୟକାରୀ)ଙ୍କ ପୋଷାକରେ ଦେଖିଥାନ୍ତି । ଯେଉଁମାନେ ନିଜ ପୂର୍ଣ୍ଣତା, ପ୍ରେମ ଓ ସ୍ୱଚ୍ଛତାରେ ଲିନ୍ନ ହୋଇଗଲେ ଏବଂ ସେଥିସମ୍ବନ୍ଧରେ ତର୍କ କରିବା ମୁର୍ଖାମି ଅଟେ । କାରଣ ଏହା ଆପଣଙ୍କ ଅବତାର୍ (ନିଚ) ନହେବାର ଅଲ୍ଲାଃଙ୍କ ତରଫରୁ ପ୍ରମାଣ ଅଟେ । ଯୋଜନାକରୀ ନିମନ୍ତେ ଏହାର ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ ଏବଂ ଆପଣ ଶାରୀରିକ ଦୃଷ୍ଟି କୋଣରୁ କୌଣସି ବ୍ୟକ୍ତିର ପିତା ନୁହନ୍ତି କିନ୍ତୁ ନିଜ ପୁସ୍ତକ ଦିଗରୁ ପ୍ରତ୍ୟେକ ବ୍ୟକ୍ତିର ପିତା ଅଟନ୍ତି ଯେ ଆଧାତ୍ମିକତାରେ ପୂର୍ଣ୍ଣତା ଲାଭ କରିଛି ଏବଂ ଆପଣ ସମସ୍ତ ନବୀମାନଙ୍କ ଖାତମ୍ ଓ ସମସ୍ତ ସ୍ୱୀକୃତୀପ୍ରାପ୍ତଙ୍କ ସରଦାର୍ ଅଟନ୍ତି । ବର୍ତମାନ ଅଲ୍ଲାଃଙ୍କ ଦରବାରରେ ସେ ବ୍ୟକ୍ତି ହିଁ ପ୍ରବେଶ କରିପାରିବେ ଯାହାଙ୍କ ନିକଟରେ ହଜୁର ସ.ଆଙ୍କ ମୋହର ଥିବ ଏବଂ ଯେ ଆପଣଙ୍କ ସୁନ୍ନତ ଉପରେ ପୂର୍ଣ୍ଣ ରୂପେ ଅମଳ କରୁଥିବେ ଓ ହଜୁର ସ.ଆଙ୍କ ଶରିୟତ୍ ବ୍ୟତୀତ ଅନ୍ୟ କୌଣସି ଉପରେ ଅମଳ ଓ ଅନ୍ୟ କାହାର ଉପାସନା କରୁନଥିବ । ଆପଣଙ୍କ ଧର୍ମ ଉପରେ ଦୃଢତାର ସହିତ ପ୍ରତିଷ୍ଠିତ ରହିବା ବ୍ୟତୀତ ଅଲ୍ଲାଃଙ୍କ ନିକଟରେ ସ୍ୱୀକୃତି ପ୍ରାପ୍ତ କରିପାରିବ ନାହିଁ ଏବଂ ଯେ ହଜୁର ସ.ଆଙ୍କଠାରୁ ଅଲଗା ହୋଇଗଲା ସେ ନିଜ ଶକ୍ତି ଓ ସାମର୍ଥ୍ୟ ମୁତାବକ ଆପଣଙ୍କର ଅନୁଗାମୀଙ୍କ ମଧ୍ୟରେ ସାମିଲ ହେବାରୁ ବଂଚିତ ରହିଲା ସେ ନିଜକୁ ଧ୍ୱଂସ କରିଦେଲା । ଆପଣଙ୍କ ପରେ ଆସନ୍ତାରେ କୌଣସି ଶରିୟତ୍ ଆସିବ ନାହିଁ, ନା କୌଣସି ପୁସ୍ତକ ଆପଣଙ୍କ ନିର୍ଦ୍ଦେଶାବଳୀର ଖଣ୍ଡନ କରିପାରିବ । ନା ଆପଣଙ୍କ କଥନକୁ କେହି ପରିବର୍ତନ କରିପାରିବେ ଏବଂ କୌଣସି (ଆଧାତ୍ମିକ)ବର୍ଷା ଅର୍ଥାତ ପବିତ୍ର କୋରାନର ଆଧାତ୍ମିକ ବର୍ଷା ଆପଣଙ୍କ ମୁସଳଧାର ବର୍ଷା ପରି ହୋଇପାରିବ ନାହିଁ । ଯେ ପବିତ୍ର କୋରାନ ଆଦେଶରୁ ନିମିତ ମାତ୍ର ଦୂରେଇବ ସେ ବିଶ୍ୱାସର ସୀମାରୁ ବାହାରକୁ ଚାଲିଯିବ ଏବଂ ସେପର୍ଯ୍ୟନ୍ତ କେହି ହେଲେ କୃତକାର୍ଯ୍ୟ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ସେ ଏସମସ୍ତ ଆଦେଶର ପାଳନ କରିନାହିଁ । ଏବଂ ଯେ କେହି ହଜରତ ମହମ୍ମଦ ସ.ଆଙ୍କ ଦ୍ୱାରା ପ୍ରମାଣିତ ଏବଂ ହଜୁର ସ.ଆଙ୍କ ନିର୍ଦ୍ଦେଶାବଳୀ ମଧ୍ୟରୁ କୌଣସି ଛୋଟ ଆଦେଶର ଅବମାନନା କରେ ତେବେ ସେ ପଥଭ୍ରଷ୍ଟ ହୋଇଯାଇଥାଏ ଏବଂ ଯେ ଏହି ସମ୍ପ୍ରଦାୟର ହୋଇ ନବୀ ହେବାର ଘୋଷଣା କରେ ଏବଂ ଏହି ବିଶ୍ୱାସ ରଖେ ନାହିଁ କି ସେ ସୃଷ୍ଟିର ମଙ୍ଗଳକାରୀ ମହମ୍ମଦ ମୁସ୍ତଫା ସ.ଆଙ୍କର ପ୍ରଶିକ୍ଷିତ ଅଟେ ଏବଂ ଆପଣଙ୍କ ପବିତ୍ର ଚରିତ୍ରକୁ ବାଦ ଦିଏ ଓ ତାହାର ଅସ୍ତିତ୍ୱକୁ ମାନେ ନାହିଁ କିମ୍ବା ତାକୁ ତୁଚ୍ଛ ବୋଲି ଭାବେ ଏବଂ ପବିତ୍ର କୋରାନ ଅନ୍ତିମ ପୁସ୍ତକ ବୋଲି ବିବେଚନା କରେନାହିଁ ତେବେ ସେ ଧ୍ୱଂସ ହୋଇଗଲା ଏବଂ ସେ ଅମାନ୍ୟକାରୀ ଓ ମିଥ୍ୟାବାଦୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଗଲା ଏବଂ ଯେ ନବୁଓ୍ୱତର ଘୋଷଣା କଲା ଏବଂ ଏହି ବିଶ୍ୱାସ ରଖି ନାହିଁ ସେ ହଜୁର ସ.ଆଙ୍କର ସମ୍ପ୍ରଦାୟର ଅଟେ ଏବଂ ଏହି କି ଯେ ସେ ଯାହା କିଛି ପ୍ରାପ୍ତ କରିଛି ତାହା ହଜୁର ସ.ଆଙ୍କ ବିଭୂତି ଯୋଗୁଁ ଲାଭ କରିଛି ଏବଂ ଏହି କି ଯେ ସେ ହଜୁର ସ.ଆଙ୍କ ଉଦ୍ୟାନର ଏକ ଫଳ ଅଟେ ଏବଂ ଆପଣଙ୍କ ମୁସଳଧାର ବର୍ଷାର ଏକ ବର୍ଷା ଟୋପା ତଥା ଆପଣଙ୍କ ପ୍ରକାଶର ଏକ କିରଣ ଅଟେ ତେବେ ସେ ଅଭିଶପ୍ତ ଅଟେ । ତାହା, ତାହାର ସାଥିମାନେ ସାହାର୍ଯ୍ୟକାରୀ ଓ ତାହାର ମାନ୍ୟକାରୀଙ୍କ ଉପରେ ଅଲ୍ଲାଃତାଲାଙ୍କର ଅଭିଶାପ ପଡ଼ିଥାଏ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଆକାଶ ତଳେ ହଜରତ ମହମ୍ମଦ ସ.ଆଙ୍କ ବ୍ୟତୀତ ବର୍ତମାନ କେହି ନବୀ ନାହାନ୍ତି ଏବଂ ପବିତ୍ର କୋରାନ ବ୍ୟତୀତ କୌଣସି ପୁସ୍ତକ ନାହିଁ ଏବଂ ଯେ କେହି ଏହାର ବିରୁଦ୍ଧାଚରଣ ପ୍ରଦର୍ଶନ କରିଥାଏ ସେ ନିଜକୁ ନର୍କ ଆଡ଼କୁ ଟାଣିନିଏ ।

ହଜୁର ଅନଓ୍ୱର ଅ.ବ କହିଲେ ଆପଣ ଆ:ସ ଅସଂଖ୍ୟ ସ୍ଥାନରେ ବ୍ୟାଖ୍ୟା କରି ଖତମେ ନବୁଓ୍ୱତର ସତ୍ୟତା ଓ ମୁକାମ୍ ଓ ତାହାର ମୁକାବିଲାରେ ନିଜ ସ୍ଥାନ ଓ ମର୍ଯ୍ୟାଦାର ଚର୍ଚ୍ଚା କରିଛନ୍ତି । ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ଏହିପରି ଅହେମଦିଙ୍କ ଉପରେ ଆପତି କରାଯାଉଅଛି କି ସେମାନେ (ଇସଲାମ)ଧର୍ମର ସେବା କରୁନାହାନ୍ତି ଏବଂ ସେମାନେ ଇସଲାମର ବିଶ୍ୱାସ ଭାଜନ ନୁହନ୍ତି । କିନ୍ତୁ ମୁଁ ପୂର୍ଣ୍ଣ ବିଶ୍ୱାସର ସହ କହୁଅଛି ଯେ ଆଜି ପାକିସ୍ତାନରେ ଅହେମଦୀ ହିଁ ଅଟନ୍ତି ଯେଉଁମାନେ **ହୁବ୍‌ବୁଲ୍ ଓ୍ୱତନେ ମିନଲ୍ ଇମାନ୍** ଉପରେ ବିଶ୍ୱାସ ରଖନ୍ତି ଏବଂ ଏଥି ମୁତାବକ ଅମଳ କରନ୍ତି ତଥା ନିଜ ଧନଜୀବନର ବଳିଦାନ ଦେଉଛନ୍ତି। ରାଜନିତୀକ ଦୋକାନ ଚମକାଇବା ପାଇଁ କେବଳ ଭାଷଣ ଦେନଥାନ୍ତି ନା ଆମର ରାଜନୀତି ସହ କୌଣସି ସମ୍ପର୍କ ନାହିଁ । ଆମେ ଧର୍ମ ପାଇଁ ନିଜ ଜୀବନ ଉତ୍ସର୍ଗ କରିବା ପାଇଁ ପ୍ରସ୍ତୁତ ରହିଥାଉ । କିନ୍ତୁ ଧର୍ମ ନାମରେ ରାଜନିତୀ ଚମକାଇବା ଓ ଧର୍ମ ନାମରେ ରକ୍ତ ବୁହାଇବା ଲୋକଙ୍କ ପରି ନୁହେଁ । ଆମେ ହଜରତ ମହମ୍ମଦ ସ.ଆଙ୍କୁ ଅନ୍ତର ଆତ୍ମାରୁ ଖାତମୁନ୍ ନବୀ ସ୍ୱୀକାର କରୁ ଏବଂ ଏଥିପାଇଁ ଆମେ ସମସ୍ତ ପ୍ରକାରର ବଳୀଦାନ ଦେଇଥାଉ ଏବଂ ଦେବା ପାଇଁ ପ୍ରସ୍ତୁତ ଅଛୁ ତଥା ଦେଉଅଛୁ । ଇନ୍‌ଶା ଅଲ୍ଲାଃ ଦେଇଚାଲିଥିବୁ । ପାକିସ୍ତାନ ଅହେମଦୀଙ୍କର କର୍ତବ୍ୟ ଏହା ଅଟେ ଯେ ସେମାନେ ଏହି ଦୁଆ କରିଚାଲନ୍ତୁ କି ଏହି ଦେଶ ଗଠନ ପାଇଁ ଅହେମଦିମାନେ ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ଯେମିତି ବୃହତ ତ୍ୟାଗ ଓ ବଳୀଦାନ ଦେଇଚାଲିଛନ୍ତି ତାହାକୁ ଅଲ୍ଲାଃତାଲା ସର୍ବଦା ସୁରକ୍ଷିତ ରଖନ୍ତୁ ଏବଂ ଅତ୍ୟାଚାରୀ ଓ ଏକଛତ୍ରବାଦୀ ପ୍ରଶାସକ ଓ କାମନା ପୂରଣକାରୀ ମୌଲବୀମାନଙ୍କ କବଳରୁ ରକ୍ଷା କରନ୍ତୁ ଏବଂ ସଂସାରର ସ୍ୱାଧୀନ ଓ ସମ୍ମାନନୀୟ ଦେଶମାନଙ୍କ ମଧ୍ୟରେ ଏହାର ଗଣନା ହେଉ ।

ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......

ଡାକିଲେ । ଏହିପରି ସେହି ବନ୍ଧୁଜଣଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ପବିତ୍ର ହସ୍ତରେ ଚୁମା ଦେବାର ସୌଭାଗ୍ୟ ପ୍ରାପ୍ତ ହେଲା ।

ଆରବୀୟ ମାନଙ୍କ ସହିତ ହଜୁର୍ ଅନୁଓ୍ୱରଙ୍କର ଏହି ସାକ୍ଷାତ୍ ୯:୧୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁରୁଷମାନଙ୍କ ଜଲସାଗାଃ ରେ ପହଂଚି ନମାଜ ମଗରିବ୍ ଏବଂ ଇଶା ଜମା କରି ପଢ଼ାଇଲେ । ନମାଜ ପଢ଼ାଇବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସ ସ୍ଥଳୀକୁ ପ୍ରତ୍ୟାଗମନ କଲେ ।

## ଅତିଥିମାନଙ୍କ ମନୋଭାବ

ଆଜି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଇଂରାଜୀ ଭାଷାରେ ଥିବା ଅଭିଭାଷଣଟି ଅତିଥିମାନଙ୍କ ହୃଦୟରେ ଗଭୀର ପ୍ରଭାବ ପକାଇଥିଲା ଏବଂ ବହୁତ ଅତିଥି ଖୋଲା ହୃଦୟ ସହିତ ଏକଥା କହିଲେ ଯେ ଖଲିଫତୁଲ୍ ମସିହଙ୍କର ଏହି ଭାଷଣ ଦ୍ୱାରା ଆମର ମନୋଭାବ ପରିବର୍ତନ ହୋଇଯାଇଛି ଏବଂ ଆଜି ଆମକୁ ଇସ୍‌ଲାମ୍‌ର ବାସ୍ତବିକ୍ ଏବଂ ଶାନ୍ତିପୁର୍ଣ୍ଣ ଶିକ୍ଷା ବିଷୟରେ ଜ୍ଞାନ ହେଲା । ସେହି ଅତିଥିମାନଙ୍କ ମଧ୍ୟରୁ କିଛି ଲୋକଙ୍କର ମନୋଭାବ ନିମ୍ନରେ ଦିଆଯାଉଅଛି ।

ସ୍ପେନ୍ ୟୁନିଭରସିଟିର ପ୍ରଫେସର୍ ଜେସସ୍ ହଜୁର୍ ଅନୁଓ୍ୱରଙ୍କ ଦ୍ୱିତୀୟ ଦିନର ଅତିଥିମାନଙ୍କ ସମ୍ବୋଧନ କରିବା ବିଷୟରେ ନିଜର ଭାବନାର ଅଭିବ୍ୟକ୍ତ କରି କହିଲେ ଯେ ଏହା ବହୁତ ହିଁ ମହାନ୍ ଭାଷଣ ଥିଲା, ଯାହାର ଗୋଟିଏ ଗୋଟିଏ ଶବ୍ଦ ଭିତରେ ଗଭୀର ମର୍ମ ଛୁପି ରହିଥିଲା । ଏହା ରାଜନୈତିଜ୍ଞ ମାନଙ୍କ ଫମ୍ପା ଭାଷଣ ପରି ନଥିଲା ଯାହା କେବଳ ଶ୍ରୋତାମାନଙ୍କ ଖୁସି କରିବା ପାଇଁ କରାଯାଏ । ଇମାମ୍ ଜମାତ୍ ଅହେମଦୀୟା ବହୁତ ସାହାସିକତା ଓ ଦାମ୍ଭିକତାର ସହିତ ଆମକୁ ଦୁନିଆର ବର୍ତମାନ ପରିସ୍ଥିତି ବିଷୟରେ ଅବଗତ କରାଇଲେ ଏବଂ ଖୋଲାଖୋଲି ରୂପେ ଏ କଥାକୁ ପରିପ୍ରକାଶ କଲେ ଯେ ଯଦି ସଂସାର ଏହି ମାଗୟରେ ଚାଲିବ ତେବେ ବଡ଼ ବଡ଼ ବିପଦର ସମ୍ମୁଖୀନ ହେବ । ପୁଣି ଇମାମ୍ ଯମାତ୍ ଅହେମଦୀୟା କେବଳ ସମସ୍ୟା ଗୁଡିକ ବିଷୟରେ ସଚେତନ କଲେ ନାହିଁ ବରଂ ଏହି ସମସ୍ୟା ଗୁଡିକର ସମାଧାନର ରାସ୍ତା ମଧ୍ୟ ବତାଇଲେ । ଆପଣ ଅଣ ମୁସଲ୍‌ମାନଙ୍କ ତରଫରୁ ସୃଷ୍ଟି ହୋଇଥିବା ସମସ୍ୟ ଗୁଡିକର ମଧ୍ୟ ଚର୍ଚ୍ଚା କଲେ ଏବଂ ଏହା ସମାଧାନଗୁଡିକୁ ପବିତ୍ର କୋରାନ୍‌ର ଶିକ୍ଷାନୁଯାୟୀ ବତାଇଲେ । ଇମାମ୍ ଯମାତ୍ ଅହେମଦୀୟା ଆମକୁ ବତାଇଲେ ଯେ ଆମେ କିପରି ଶାନ୍ତି ପ୍ରତିଷ୍ଠା କରିପାରିବା । ଆପଣ ପବିତ୍ର କୋରାନ୍‌ର ଯେଉଁ ଆୟତ ଗୁଡିକ ଉପସ୍ଥାପନ କଲେ ସେଥିରୁ ସ୍ପଷ୍ଟ ବାରିହେଉଥିଲା ଯେ ଇସ୍‌ଲାମ୍ ପ୍ରତ୍ୟେକ ପ୍ରକାର ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ଖଣ୍ଡନ କରୁଛି ଏବଂ ଏକ ଶାନ୍ତିପ୍ରିୟ ଧର୍ମ ଅଟେ ।

ଆଉ ଜଣେ ଅତିଥି ଖ୍ରୀଷ୍ଟିଆନ୍ ସ୍କୁପ୍ ସାହେବ୍ ଇମାମ୍ ଯମାତ୍ ଅହେମଦୀୟାଙ୍କ ଅଭିଭାଷଣ ଶୁଣି ବହୁ ଭାବବିହୋଳ ହୋଇଗଲେ । କାରଣ ଇମାମ୍ ଯମାତ୍ ଅହେମଦୀୟା ସହୃଦୟ ସହିତ କହୁଥିଲେ ଯାହାକୁ ମୁଁ ଅନୁଭବ କରିପାରୁଥିଲି । ତାଙ୍କ ଶବ୍ଦ ଗୁଡିକର ବହୁତ ଗଭୀର ଓ ଜ୍ଞାନ ବର୍ଦ୍ଧକ ଥିଲା । ମୋର ବହୁତ ଇଛା ଯେ ମୁଁ ଇମାମ୍ ଯମାତ୍ ଅହେମଦୀୟାଙ୍କ ସହିତ ମିଶି କାମ କରିବି ଏବଂ ତାଙ୍କୁ ସାହାଯ୍ୟ କରିବି । କାରଣ ଇମାମ୍ ଯମାତ ଅହେମଦୀୟା ଲୋକମାନଙ୍କୁ ଗୋଟିଏ ହାତରେ ଏକାଠି କରୁଅଛନ୍ତି ଏବଂ ସେମାନଙ୍କୁ ସତ୍ୟମାର୍ଗରେ ପରିଚାଳିତ କରୁଛନ୍ତି । ବରଂ ମୁଁ ତ ଏହା କହିବି ଯେ ଆମେ ସମସ୍ତେ ଏପରି ଏକାଠି ହୋଇଯିବା ଯେପରି ଆମେ ଗୋଟିଏ ଶରୀରର ଅଂଶ । ଇମାମ୍ ଯମାତ୍ ଅହେମଦୀୟାଙ୍କୁ ଏହି ମିଶନରେ ସାହାଯ୍ୟ କରିବା ଦ୍ୱାରା ମୋର ହିଁ ଲାଭ ହେବ ।

ଜଣେ ଶିରିଆନ୍ ବନ୍ଧୁ ମେହ୍‌ମୁଦ୍ ସାହେବ୍ ଯିଏ ବହୁତ ଦିନ ହେବ ପୋଲାଣ୍ଡରେ ରହୁଛନ୍ତି ସେ ନିଜର ଭାବକୁ ବ୍ୟକ୍ତ କରି କହିଲେ ଇମାମ୍ ଯମାତ୍ ଅହେମଦୀୟାଙ୍କର ଭାଷଣ ବହୁତ ସୁନ୍ଦର ଥିଲା । ଏହି ଭାଷଣ ଶୁଣି ମୋର ହୃଦୟ ଖୁସିରେ ଭରିଗଲା । କେବଳ ଗୋଟିଏ ଭାଷଣ ଦ୍ୱାରା ହିଁ ଆପଣ ଦୁନିଆର ପ୍ରତ୍ୟେକ ସମସ୍ୟାର ସମାଧାନ ବତାଇଦେଲେ । ଆପଣ ବତାଇଲେ ଯେ ବିଭିନ୍ନ ଦେଶଗୁଡିକ ମଧ୍ୟରେ କିଭଳି ଶାନ୍ତି ପ୍ରତିଷ୍ଠା ହୋଇପାରିବ ଓ ଇସ୍‌ଲାମୀୟ ଶିକ୍ଷା ଦୃଷ୍ଟି କୋଣରୁ ଆପଣ ଏହାର ସମାଧାନ ବତାଇଲେ । ଫଳତଃ ମୋତେ ବହୁତ ଗର୍ବ ଅନୁଭବ ହେଉଥିଲା । ଇମାମ୍ ଯମାତ୍ ଅହେମଦୀୟା ବହୁତ ସୁନ୍ଦର ଶୈଳୀରେ ପବିତ୍ର କୋରାନ୍‌ର ଆୟତ ଗୁଡିକ ନିର୍ବାଚନ କରିଥିଲେ ଏବଂ ପ୍ରତ୍ୟେକ ଆୟତର କ୍ରମ ଗୁଡିକ ବେଶ୍ ସମୟ ଉପଯୋଗୀ ଥିଲା । ତାହା ହଜୁରଙ୍କର ଦାବୀକୁ ଶକ୍ତି ପହଂଚାଉଥିଲା ଅର୍ଥାତ୍ ଇସ୍‌ଲାମ୍ ହେଉଛି ଶାନ୍ତିର । ଯଦିଚ ମୁଁ ଜଣେ ମୁସଲ୍‌ମାନ୍ କିନ୍ତୁ ଇମାମ୍ ଯମାତ୍ ଅହେମଦୀୟା ଙ୍କର ଭାଷଣରୁ ମୁଁ ନିଜ ବିଶ୍ୱାସ ଓ ପ୍ରଥା ବିଷୟରେ ଅନେକ ନୂଆ ଜିନିଷ ଶିଖିବାକୁ ପାଇଲି । ଆପଣ ରବ୍‌ବୁଲ୍ ଆଲ୍‌ମିନ୍ ର ବାସ୍ତବିକ ଅର୍ଥ ବତାଇଲେ ଯେ ଅଲ୍ଲାଃତାଲା ମୁସଲ୍‌ମାନଙ୍କର ଖୁଦା, ଇସାଇଙ୍କର ଖୁଦା ଏବଂ ୟୁହୁଦୀମାନଙ୍କର ମଧ୍ୟ ଖୁଦା ଅଟନ୍ତି । ସେହିପରି ନାସ୍ତିକ ମାନଙ୍କର ମଧ୍ୟ ଖୁଦା ଅଟନ୍ତି । ଏହା ବହୁତ ଗଭୀର ଟିପ୍ପଣି ଥିଲା । ଯଦି ଏହା ଦ୍ୱାରା ଶାନ୍ତି ପ୍ରତିଷ୍ଠା ହୋଇ ନପାରିବ ତେବେ ଆଉ କାହା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

ଆଉଜଣେ ଅତିଥି ଗ୍ରୁନିଜର୍ ସାହେବ୍ ନିଜର ଭାବନାକୁ ବ୍ୟକ୍ତି କରି କହିଲେ ଯେ ଇମାମ୍ ଯମାତ୍ ଅହେମଦୀୟା ଆମକୁ କିପରି ଜଣେ ଅନ୍ୟଜଣଙ୍କୁ ବୁଝିବା ପାଇଁ ଓ ଜଣେ ଅନ୍ୟଜଣକର ଭାବନାକୁ ସମ୍ମାନ ଦେବାପାଇଁ କହିଲେ । ଏହା ହେଉଛି ବର୍ତମାନ ଦୁନିଆ ପାଇଁ ଜରୁରୀ । ଆପଣଙ୍କ ଶବ୍ଦଗୁଡିକ ମୋତେ ଦୁନିଆର ବର୍ତମାନ ପରିସ୍ଥିତି ଉପରେ ଚିନ୍ତା କରିବା ପାଇଁ ବାଧ୍ୟ କରିଦେଲା । ଇମାମ୍ ଯମାତ୍ ଅହେମଦୀୟା କୋରାନ୍‌ର ଆୟତ ଗୁଡିକୁ ଉପସ୍ଥାପନ କରି ଏକଥା ସମ୍ପୂର୍ଣ୍ଣ ରୂପେ ସ୍ପଷ୍ଟ କରିଦେଲେ ଯେ ଇସ୍‌ଲାମ୍ କଦାପି ସନ୍ତ୍ରାସବାଦୀର ଧର୍ମ ନୁହେଁ ଏବଂ ବତାଇଲେ ଯେ ରସୁଲେ କରିମ୍ ସ:ଆ:ସ ତ ଏପରି ମନୁଷ୍ୟ ଥିଲେ ଯିଏ ଶତ୍ରୁକୁ ମଧ୍ୟ କ୍ଷମା ଦେଉଥିଲେ । ଖଲିଫାଙ୍କର ଭାଷଣକୁ ଶୁଣି ପ୍ରଥମ ଥର ପାଇଁ ମୋତେ ଏ ଅନୁଭବ ହେଲା ଯେ ଇସ୍‌ଲାମ୍ ଅସଲରେ କଣ ବୋଲି । ଇସ୍‌ଲାମ୍ ତ ପ୍ରେମ ଓ ସୌହାର୍ଦ୍ଦ୍ୟର ଧର୍ମ ଅଟେ । ଇସ୍‌ଲାମ୍ କଦାପି ଏପରି ନୁହେଁ ଯେପରି ମିଡ଼ିଆ ପରିବେଶଣ କରୁଅଛି । ଆପଣଙ୍କର ଖଲିଫାଙ୍କ ଭିତରେ ନିଶ୍ଚିତ ଭାବେ କୌଣସି ଏପରି ଜିନିଷ ଅଛି ଯାହା ମନୁଷ୍ୟକୁ ନିଜ ଆଡ଼କୁ ଭିଡ଼ି ନେଉଛି । ଆପଣଙ୍କ ଖଲିଫା ଚୁମ୍ବକ ସଦୃଶ ଅଟନ୍ତି ।

ଆଉଜଣେ ଅତିଥି ମିଷ୍ଟର୍ ଜୋହ୍‌ନମ୍ ନିଜର ଭାବକୁ ବ୍ୟକ୍ତି କରି କହିଲେ ଯେ ଇମାମ୍ ଯମାତ୍ ଅହେମଦୀୟାଙ୍କ ଭାଷଣର ସାରାଂଶ ଶାନ୍ତି ଉପରେ ପର୍ଯ୍ୟବେଶିତ ଥିଲା । ସବୁଠାରୁ ଭଲକଥା ଏହା ହେଉଛି ଯେ ଆପଣ ଯାହା କିଛି କହିଲେ ତାହା ସବୁ ସତ୍ୟ ଉପରେ ଆଧାରିତ ଥିଲା । ଆପଣ ବତାଇଲେ ଯେ ଜନ୍ମ ସମୟରେ ପ୍ରତ୍ୟେକ ବ୍ୟକ୍ତି ସମାନ ଥାଏ । ଏଥିରେ କିଛି ଫରକ ପଡ଼େ ନାହିଁ ଯେ କିଏ କଳା ବା କିଏ ଗୋରା । ସମସ୍ତଙ୍କ ପାଖରେ ଏକ ପ୍ରକାର ସାମର୍ଥ୍ୟ ନିହିତ ଅଛି । ଅଲ୍ଲାଃତାଲା ପ୍ରତ୍ୟେକଙ୍କୁ ଏକ ପ୍ରକାର ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଏ ଯୁଗରେ ଏପରି ବାର୍ତାର ବହୁତ ଆବଶ୍ୟକ ରହିଛି । ଯେପରିକି ଇମାମ୍ ଯମାତ୍ ଅହେମଦୀୟା କହିଲେ ଯେ ଆମେ ଅତୀତର ଭୁଲ୍‌ଗୁଡିକୁ ଦୋହରାଇବା ନାହିଁ । ହତିଆର୍ ଦ୍ୱାରା ଆମେ ଶାନ୍ତି ପ୍ରତିଷ୍ଠା କରିବାକୁ ଚେଷ୍ଟା ନ କରି ବରଂ ପ୍ରେମ ଓ ଭାଇଚାରା ମାଧ୍ୟମରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଆପଣଙ୍କର ଭାଷଣର ପ୍ରତ୍ୟେକ ବିଷୟ ଯୁକ୍ତିଯୁକ୍ତ ଥିଲା । ଏହା ବହୁତ ମହାନ୍ ଭାଷଣ ଥିଲା ।

ଆଉ ଜଣେ ଅତିଥି ମିଷ୍ଟର୍ ସାଇମନ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଯେ ଇମାମ୍ ଯମାତ୍ ଅହେମଦୀୟା ଯାହା କିଛି ବୟାନ୍ ଦେଲେ ତାହା ସତ୍ୟ ଏବଂ ଜ୍ଞାନବର୍ଦ୍ଧକ ଥିଲା । ବହୁତ ସାହସର ସହିତ ସେ ନିଜର ଚିନ୍ତାଧାରାକୁ ଉପସ୍ଥାପନ କଲେ । ବହୁତ ନିର୍ଭୟ ହୋଇ ନିଜର ବିଶ୍ୱାସ ଓ ଚିନ୍ତାଧାରାକୁ ପ୍ରମାଣିତ କଲେ । ଆପଣ ନିଜ ଭାଷଣରେ ଜାତିପ୍ରଥା ବିଷୟରେ ଥିବା ଘୃଣାଭାବ ଏବଂ ସନ୍ତ୍ରାସବାଦ କାର୍ଯ୍ୟକଳାପ ପରି ବର୍ତମାନ ସମୟର ସମସ୍ତ ବିଷୟ ଏବଂ ସେ ବିଷୟରେ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷା କଣ ତାକୁ ଉପସ୍ଥାପନ କଲେ । ମୁଁ ଆପଣଙ୍କ ଖଲିଫାଙ୍କୁ ଏହା କହିବାକୁ ଚାହୁଁଛି ଯେ ଆପଣ ଏକୁଟିଆ ନୁହଁନ୍ତି ବରଂ ମୁଁ ମଧ୍ୟ ଆପଣଙ୍କର ଏହି ବାର୍ତାକୁ ପ୍ରସାର କରିବା ପାଇଁ ଆପଣଙ୍କ ସହିତ ଅଛି । କାରଣ ଖଲିଫାଙ୍କର ବାକ୍ୟଗୁଡିକରେ କେବଳ ଭଲ ହିଁ ଭଲ ଦେଖାଯାଉଛି ।

ଆଉଜଣେ ଅତିଥି ମିଷ୍ଟର୍ ୟୋନାସ୍ ସାହେବ୍ କହିଲେ ଯେ ଇମାମ୍ ଯମାତ୍ ଅହେମଦୀୟା ହେଉଛନ୍ତି ଜଣେ ଆଧ୍ୟାତ୍ମିକ ଗୁରୁ । ଏବଂ ଆଜି ମୁଁ ଏହା ଦେଖିବାକୁ ପାଇଲି ଯେ ଆପଣଙ୍କ ଶବ୍ଦଗୁଡିକ ବହୁତ ଓଜନ୍‌ଦାର୍ ଥିଲା । ଆପଣଙ୍କ ଭାଷଣରେ ବ୍ୟବହାର ହୋଇଥିବା ପ୍ରତ୍ୟେକ ଶବ୍ଦ ଅର୍ଥପୁର୍ଣ୍ଣ ଥିଲା । ମୋତେ ବିଶେଷ ରୂପେ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ହୋଇଥିବା ବିନାଶକାରୀର ଚର୍ଚ୍ଚା ଭଲ ଲାଗିଲା ଯେ ଆମକୁ ଏହି ଭୁଲ୍ କଦାପି ଦୋହରାଇବା ଉଚିତ୍ ନୁହେଁ । ଖଲିଫା ବତାଇଲେ ଯେ ହତିଆର୍ ରଖିବା ପାଇଁ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି ।

ଆଉଜଣେ ମହିଳା ଅତିଥି ମିସେସ୍ ଲି ନିଜ ଭାବନା ବ୍ୟକ୍ତି କରି କହିଲେ ଇମାମ୍ ଯମାତ୍ ଅହେମଦୀୟାଙ୍କର ସର୍ବପ୍ରଥମେ ଯେଉଁ ଜିନିଷ ଆପଣଙ୍କୁ ଦୃଷ୍ଟିଗୋଚର ହେଉଛି ତାହା ହେଉଛି ତାଙ୍କର ଶାନ୍ତିପ୍ରିୟ ହେବା ଏବଂ ତାଙ୍କର ଶାଳୀନତା ହେବା । ଆପଣଙ୍କ ଚେହେରାରେ ଏକ ପ୍ରକାର ସୌନ୍ଦର୍ଯ୍ୟ ରହିଛି ଯାହାକୁ ବର୍ଣ୍ଣନା କରିହେବ ନାହିଁ । ଆପଣଙ୍କ ଭାଷଣରେ ସବୁଠାରୁ ଗୁରୁତ୍ୱପୁର୍ଣ୍ଣ ବିଷୟ ଏହା ଥିଲା ଯେ ଆପଣ କହିଲେ ପ୍ରତ୍ୟେକ ମନୁଷ୍ୟଙ୍କର ଅଧିକାର ଅଛି ଓ ଇସ୍‌ଲାମ୍ ଅନ୍ୟର ଅଧିକାରକୁ କ୍ଷୁର୍ଣ୍ଣ କରେନାହିଁ ବରଂ ଗିର୍ଜା, ମନ୍ଦିର ଏବଂ ଉପାସନା ପୀଠର ସୁରକ୍ଷା ଦେବା ପାଇଁ ସବୁଠାରୁ ଆଗରେ ଅଛି । ମୋତେ ଏହା ମଧ୍ୟ ବହୁତ ଭଲ ଲାଗିଲା ଯେ ସେ ମଧ୍ୟ ଏ କଥାକୁ ମାନିଲେ ଯେ ମୁସଲ୍‌ମାନମାନଙ୍କ ମଧ୍ୟରେ ବହୁତ ସମସ୍ୟା ରହିଅଛି କିନ୍ତୁ ତତ୍‌ସହିତ ଆପଣ ଏହା ମଧ୍ୟ ସ୍ପଷ୍ଟ ରୂପେ ବତାଇଲେ ଯେ ଏଥିରେ

ଇସ୍‌ଲାମ୍‌ର କୌଣସି ଭୁଲ୍ ନାହିଁ । ଆପଣ ଏ ସନ୍ଦର୍ଭରେ ପବିତ୍ର କୋରାନ୍‌ର ଆୟତ ଓ ରସୁଲେ କରିମ୍ ସ:ଆ:ସ ଙ୍କ ଉଦାହରଣ ଦେଇ ସ୍ପଷ୍ଟ କଲେ । ଭାଷଣର ଶେଷରେ ମୁଁ ବହୁତ ଭାବବିହୋଳ ହୋଇଗଲି । ସେଥିଯୋଗୁଁ ମୁଁ ବହୁତ ନିଜକୁ ଭାଗ୍ୟଶାଳୀ ବୋଲି ମନେ କରୁଛି ଯେ ଆଜି ମୁଁ ଏହି ଉତ୍ସବରେ ଯୋଗ ଦେଇଅଛି ।

ସ୍ୱିଡେନ୍‌ର ଜଣେ ଅତିଥି ମିଷ୍ଟର୍ ଆଣ୍ଡ୍ରିଆ ନିଜର ଭାବ ପ୍ରକାଶ କରି କହିଲେ ଯେ ମୁଁ ଇମାମ୍ ଯମାତ୍ ଅହେମଦୀୟାଙ୍କ ଭାଷଣ ଶୁଣିବା ପରେ କେବଳ ଗୋଟିଏ ହିଁ କଥା କହିବି ଯେ ମିଡ଼ିଆ ଇସ୍‌ଲାମ୍‌ର ଯେଉଁ ଛବି ଆଜିକାଲି ପ୍ରସାରଣ କରୁଛି ତାହା ଅତ୍ୟନ୍ତ ଅନ୍ୟାୟପୁର୍ଣ୍ଣ ଅଟେ । ଯେଉଁଠି ମୋର ପ୍ରଶ୍ନ ଉଠୁଛି ମୁଁ ସେହି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏ ବାର୍ତ୍ତା ପହଂଚାଇବା ପାଇଁ ଚେଷ୍ଟା କରିବି ଯେଉଁମାନଙ୍କୁ ମୁଁ ଜାଣିଛି ।

**(୨୭ ଅଗଷ୍ଟ ୨୦୧୭ ରିପୋର୍ଟ)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ୫:୩୦ ରେ ପୁରୁଷ ମାନଙ୍କ ଜଲ୍‌ସାଗାଃ ରେ ପଦାର୍ପଣ କରି ନମାଜ ଫଜର ପଢ଼ାଇଲେ । ନମାଜ ପରେ ହଜୁର୍ ଅନୁଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଆଲମୀ(ଆନ୍ତର୍ଜାତିକ)ବୟତ**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳ ବେଳା ଦଫତରି ଡାକ ଇତ୍ୟାଦି ନିରୀକ୍ଷଣ କଲେ ଏବଂ ବିଭିନ୍ନ ପ୍ରକାର ଦଫ୍‌ତରି କାର୍ଯ୍ୟରେ ବ୍ୟସ୍ତ ରହିଲେ । ଆଜି ଯମାତ୍ ଅହେମଦୀୟା ଜର୍ମାନୀର ଜଲ୍‌ସା ସାଲାନାର ତୃତୀୟ ଏବଂ ଶେଷ ଦିବସ ଥିଲା । ପ୍ରୋଗ୍ରାମ୍ ମୁତାବକ ତୃତୀୟ ପ୍ରହର ୩:୪୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁରୁଷଙ୍କ ଜଲ୍‌ସାଗାଃରେ ପଦାର୍ପଣ କଲେ ନମାଜ ଜୋହର୍ ଏବଂ ଅସର୍ ଏକତ୍ର କରି ପଢ଼ାଇଲେ । ଏହାପରେ ପ୍ରୋଗ୍ରମା୍ ମୁତାବକ ବୟତ୍‌ର ଉତ୍ସବ ଆରମ୍ଭ ହେଲା । ଏହା ଏକ ଆଲମୀ ବୟତ୍ ଥିଲା ଯାହା ଏମ୍.ଟି.ଏ ଇଂଟର୍‌ନ୍ୟାସ୍‌ନାଲ୍ ମାଧ୍ୟମରେ ସାରା ଦୁନିଆରେ ସିଧା ପ୍ରସାରଣ ହେଲା । ଦୁନିଆର ସବୁ ଦେଶରେ ଥିବା ଅହେମଦୀମାନେ ଏହି ଯୋଗସୁତ୍ର ମାଧ୍ୟମରେ ନିଜର ପ୍ରିୟ ଆକାଙ୍କ ବୟତ କରିବାର ସୌଭାଗ୍ୟ ପାଇଲେ । ଆଜି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ପବିତ୍ର ହାତରେ ଅଲ୍‌ବାନିଆ, ଗାମ୍ବିଆ, ଘାନା, ଜର୍ମାନୀ, ଇରାକ୍, ୟମନ୍, ମରାକିଶ୍, ଜଡାନ୍, ଶିରିଆ, ତୁର୍କୀ ଏବଂ ଲିଥୁଆନିଆ ସହିତ ସମ୍ପର୍କ ରଖିଥିବା ୩୩ ଜଣ ଲୋକ ବୟତ୍ କରିବାର ସୌଭାଗ୍ୟ ପାଇଲେ । ଶେଷରେ ହଜୁର୍ ଅନୁଓ୍ୱର୍ ଦୁଆ କରାଇଲେ ।

**ଜଲ୍‌ସା ସାଲାନା ଜର୍ମାନୀର ଉଦ୍‌ଯାପନୀ ଇଜ୍‌ଲାସ୍**

ବୟତ୍‌ର ଉତ୍ସବ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜଲ୍‌ସାର ଉଦ୍‌ଯାପନୀ ଉତ୍ସବ ନିମନ୍ତେ ଷ୍ଟେଜ୍‌ରେ ପହଂଚିବା କ୍ଷଣି ସମ୍ପୂର୍ଣ୍ଣ ଜଲ୍‌ସାଗାଃ ନାରାଦ୍ୱାରା ଗୁଞ୍ଜରଣ ହୋଇଉଠିଲା ଏବଂ ଯମାତ୍ ଅହେମଦୀୟାର ଲୋକେ ବହୁତ ଉତ୍ସାହିତ ହୋଇ ନାରା ଉତୋଳନ କରୁଥିଲେ ।

ଉଦ୍‌ଯାପନୀ ଉତ୍ସବର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ଦ୍ୱାରା ହେଲା । ଯାହାକୁ ମୋକରମ୍ ମହମ୍ମଦ୍ ଇଲିଆସ୍ ମୁନିର୍ ସାହେବ୍ ମୋବୋଲିଗ୍ ସିଲ୍‌ସିଲା ଜର୍ମାନୀ ପାଠ କଲେ । ଏହାପରେ ତାର ଉର୍ଦ୍ଦୁ ଅନୁବାଦ ମଧ୍ୟ ଉପସ୍ଥାପନ କଲେ । ଏହାର ଜର୍ମାନୀ ଅନୁବାଦ ମୋକରମ୍ ଅର୍‌ବାବ୍ ଅହେମଦ୍ ସାହେବ, ମୋବୋଲିଗ୍ ଜର୍ମାନୀ ଉପସ୍ଥାପନ କଲେ । ଏହାପରେ ଅଜିଜମ୍ ମୁର୍‌ତଜା ମନ୍ନାନ୍ ଶିକ୍ଷାର୍ଥୀ ଜାମିଆ ଅହେମଦୀୟା ଜର୍ମାନୀ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ମନ୍‌ଜୁମ୍ କଲାମ୍

*ହର୍‌ତରଫ୍ ଫିକ୍‌ର୍‌କୋ ଦୌଡ଼ା*
*କେ ଥକାୟା ହାମ୍‌ନେ*
*କୋଇ ଦୀଁ ଦୀନେ ମୁହମ୍ମଦ୍*
*ସା ନପାୟା ହାମ୍‌ନେ*

ଲଳିତ ସ୍ୱରରେ ପରିବେଶଣ କଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶିକ୍ଷା କ୍ଷେତ୍ରରେ ପ୍ରସିଦ୍ଧି ଓ ସଫଳତା ଲାଭ କରିଥିବା ଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ୍ ଏବଂ ମେଡାଲ୍ ପ୍ରଦାନ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ପବିତ୍ର ହସ୍ତରୁ ନିମ୍ନଲିଖିତ ସୌଭାଗ୍ୟଶାଳୀ ଶିକ୍ଷାର୍ଥୀମାନ ତାଲିମ୍ ଆଓ୍ୱାର୍ଡ ହାସଲ୍ କଲେ–

Obeda Rashid Rana Sb (Ph.D in Medical), Dr. Sultan Mohammed Sb (Ph.D in Biochemical Engineering), Usama Ahamed Sb (State examination in teaching), Asim Ahemed Sb (State examination in medical), Nawid Ali Mansor Sb (Magisteran internal law and masters of international law), Sajawal Ahmad Sb (M.Sc. in computer science), Basir Ahamad Shaikh Sb (Master in civil engineering), Irfan Ahmad Sb (M.Sc. in computional engineering), Momin Ahamad Bhatti Sb (M.Sc. in Physics), Babar Mohiuddin Batt Sb (Master of engineering in structeral engineering), Abdul Matal Ahamad Sb (M.Sc. in Electrical and Computer Engineering), Manawar Ahamad Khalil Sb (Master of Arts in Europian master in project management), Irfan Ahamad Manan Sb (M.Sc. in civil engineering), Rafe Ahamed Pal Sb ( Master of engineering in electrical engineering), Ibrahim Ahamad Khalil Sb (Master of engineering in prision engineering), Faran Ahamad Sb (M.Sc. in mechanical engineering), Farakh Qayum Sb (M.Sc. in mechanical engineering), Dr. Abrar Ahamad Sb (Master of public health), Amir Sayed Khan Sb (M.Sc. in molecular life science), Tauqir Suhel Ahamad Sb (M.Sc. in medical engineering), Ismail Tahel Sb (MBA in International Royal Estate Management), Noman Nasir Sb (Master of Arts in Political Science), Rana Ziaullah Sb (M.Sc. in Electrical Engineering), Shahid Kaleem Sb (M.Sc. in Power Engineering), Razwan Malak Sb (M.Sc. in information management), Imran Munir Malak Sb (M.Sc. in internaional finance), Ataul Waheed Khan Sb (M.Sc. in Economics & computer science), Yasir Ayaz Sb (M.Sc. in Agro Biotechnology), Mobariz Iliyas Sb (M.Sc. in business administration), Adnan Khan Sb (Master of engineering in production and automobile engineering), Usman Hadi Ahamad Sb (Diploma Masters in Aeronatical engineering), Dil Khan Sb (B.A in Architecture), Mahammad Taha Ejaz Sb (B.Sc. in Economics computer science), Rafaqat Ahamad Sb (B.A in business administration), Labid Mahammed Sb (B.A in business administration), Adil Ahamad Anuwar Sb (B.A in media science), Tayab Ahamad Quisar Sb (B.A in international business administration), Safir Ahamad Sb (B.Sc. in medicine information), Jacinto Munoz Nunez Sb (B.A Economics and management), Wahid Ali Mazid Wariach Sb (B.Sc. in Biology), Nabeel Ahamad Qazi Sb (Bachelor of Engineering in technical information), Shafi Ahamad Pal Sb (B.A in islamic studies), Mudabbir Ahamad Khan Sb (B.A in Lingustics and philosophy), Labeed Ahamad Solonki Sb (A Lable AB Tour), Ali Faraz Choudhuri Sb (A Lable AB Tour), Wahid Ahamad Sb (Ph.D in Grain Computing), Muneeb Idris Ahamad Sb (Ph.D in medical science), Adeel Hussain Sb (Ph.D in internal law from U.K), Abdul Azim Ahamad Sb (Master in -- language and literature), Mahammad Ahamad Anjum Sb (M.A in Internal Journalism), Mahammad Maqsood Sb (M.Sc. in Technical Engineering), Talha Rashid Sb (M.Sc. in Biomedical Research), Habibun Nabi Halwi Sb (M.Sc. in Applied Computer Science), Shaki Ahamad Sb (M.Sc. in Software Engineering from Pakistan), Dr. Talha Batt Sb (Bachelor of Medicine and Bachelor of Surgery MBBS), Shabaz Ahamad Sb (B.Sc. in Zoology), Baber Ahamad Nayeem Sb (Bachelor of Engineering in Aeronotical Engineering), Inamul Haque Alwai Sb (Bachelor of International Technology in Enterprise information system), Basil Ahamad Sb (B.A in Architecture), Nasar Ahamad Mughal Sb (Bachelor in russian language and literature), Samin Rahman Sb (Intermidiate Pre-engineering),

Areed Mahammad Sb (Top in Environmental Management), Mubariz Ahamad Sb (Top in Bathromatrics and accounting), Munib Niazi Sb (Seconday School 90%)

ପୁରସ୍କାର ବିତରଣ ଉତ୍ସବ ପରେ ଠିକ୍ ୪:୫୫ ରେ ହଜୁର୍ ଅନ୍ୱର୍ ଅ:ବ:ଅ ନିଜର ଉଦ୍‌ଯାପନୀ ଅଭିଭାଷଣ ପ୍ରଦାନ କଲେ ।

**ହଜୁର୍ ଅନ୍ୱର୍ ଅ:ବ:ଅ ଙ୍କ ଉଦ୍‌ଯାପନୀ ଅଭିଭାଷଣ**

ତଶହୁଦ, ତଉଜ ଓ ସୁରା ଫାତେହାର ତିଲାୱତ୍ ପରେ ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଦୁନିଆରେ ଯେତେ ଧର୍ମ ଅଛନ୍ତି ସେମାନଙ୍କର (ମୁଖାଲିଫତ୍)ବିରୋଧ ସେମାନଙ୍କ ପ୍ରାରମ୍ଭ କାଳରେ ହୋଇଥିଲା ଏବଂ ଗୋଟିଏ ସମୟ ପର୍ଯ୍ୟନ୍ତ ଏହି ବିରୋଧ ହୋଇଚାଲିଲା । ପୁଣି ଧିରେ ଧିରେ ଏହା ହ୍ରାସ ପାଇଲା । ସେ ସମୟରେ ଇସ୍‌ଲାମ୍ ବ୍ୟତୀତ ଆଉ କୌଣସି ଧର୍ମ ଏପରି ନାହିଁ ଯାହା ସହିତ ଧର୍ମ ନାମରେ ମୁଖାଲିଫତ୍ କରାଯାଉଥିବ । ମକ୍କାର ମୁଶ୍‌ରିକ୍‌ମାନେ ଇସ୍‌ଲାମ୍‌କୁ ପ୍ରସାରରୁ ରୋକିବା ଏବଂ ନିଃଶେଷ କରିବା ଓ ମୁସଲ୍‌ମାନ୍ ମାନଙ୍କୁ କଷ୍ଟ ପହଂଚାଇବା ପାଇଁ ନିଜର ସମସ୍ତ ପ୍ରକାର ସାଧନ ଓ ନିଜର ଶକ୍ତି ଓ ସାମର୍ଥ୍ୟକୁ ନିଜ ଇଚ୍ଛା ମୁତାବକ ପ୍ରୟୋଗ କରିବା ପାଇଁ ଚେଷ୍ଟା କଲେ । ଏବଂ ପୁଣି ବିଭିନ୍ନ ସମୟରେ ମଧ ଏହିପରି ଚେଷ୍ଟା ହୋଇଚାଲିଛି । ଯେତେବେଳେ ପୁସ୍ତକ ଲେଖିବାର ଏବଂ ପ୍ରେସ୍‌ର ଯୁଗ ଆସିଲା ସେତେବେଳେ ପ୍ରାଚ୍ୟ ବିଦ୍ୟା ବିଶାରଦମାନେ ଇସ୍‌ଲାମ୍‌ର ବିରୋଧରେ ଐତିହାସିକ ବାସ୍ତବିକତାକୁ ଭୁଲ୍ ରୂପରେ ଲେଖି ଓ ପବିତ୍ର କୋରାନ୍‌ର ଭୁଲ୍ ବ୍ୟାଖ୍ୟା କରି ଏହାର ମୁଖାଲିଫତ୍ କଲେ । ଆଜି ପର୍ଯ୍ୟନ୍ତ ଯେପରିକି ମୁଁ କହିଲି ଯେ ଏହି ମୁଖାଫିଲତ୍‌ର ସିଲ୍‌ସିଲା ଜାରି ଅଛି । ଏବଂ ଭାଗ୍ୟର ବିଡ଼ମ୍ବନା ଯେ ମୁସଲ୍‌ମାନଙ୍କର ଗୋଟିଏ ଗୋଷ୍ଠୀ ଯେଉଁଥିରେ କଠୋରବାଦୀ ଓ ତଥାକଥିତ ଜେହାଦୀ ଗ୍ରୁପ୍ ମଧ ସାମିଲ୍ ହୋଇଯାଇଛନ୍ତି ଓ ମୁସଲ୍‌ମାନଙ୍କ ଓ୍ୱଲେମା ମାନଙ୍କର ଗୋଟିଏ ଗୋଷ୍ଠୀ ଯାହାଙ୍କୁ ତଥାକଥିତ ଓ୍ୱଲେମା କହିବା ଉଚିତ୍ ହେବ, ଯାହାଙ୍କୁ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ଚିନ୍ତା କରିବା ଓ ତାକୁ ବୁଝିବାର ସାମର୍ଥ୍ୟ ନାହିଁ ଏବଂ ନା ହିଁ ଇତିହାସର କୌଣସି ଜ୍ଞାନ ରଖିଛନ୍ତି, ସେମାନେ ଇସ୍‌ଲାମ୍‌ର ବିରୋଧିମାନଙ୍କ ମଧରେ ନିଜର ଭୁଲ୍ ଭାବନା ପ୍ରସାର କରିବା ଏବଂ ଇସ୍‌ଲାମ୍‌ର ଭୁଲ୍ ଛବି ଉପସ୍ଥାପନ କରିବା ପାଇଁ ଅବସର ଦେଇଛନ୍ତି । ବରଂ ବହୁତ ଗୁଡିଏ ଐତିହାସିକ ବାସ୍ତବତା ଯେଉଁଗୁଡିକର ଜ୍ଞାନ ତାଙ୍କ ପାଖରେ ନାହିଁ ସେଗୁଡିକୁ ସେମାନେ ପ୍ରାଚ୍ୟ ବିଦ୍ୟା ବିଶାରଦଙ୍କ ଇତିହାସରୁ ଦେଖି ଭାବୁଛନ୍ତି ଯେ ଏହା ବୋଧେ ପ୍ରକୃତ ଇସ୍‌ଲାମୀୟ ଇତିହାସ ଏବଂ ଏହାଠାରୁ ବଳି ବର୍ତମାନ ଏବଂ ପୂର୍ବରୁ ମଧ ମୁସଲ୍‌ମାନ୍ ହୁକୁମତ୍‌ମାନେ ନିଜ ସରକାରକୁ ଭୁଲ୍ ନେଜାମ୍‌ରେ ପରିଚାଳିତ କରାଇ ନିଜ ନାଗରିକମାନଙ୍କ ଉପରେ ଅତ୍ୟାଚାର କରି ଆହୁରି ଅଧିକ ଇସ୍‌ଲାମୀ ବିରୋଧି ଗୋଷ୍ଠୀମାନଙ୍କ ଭାବନାକୁ ଉଜାଗର କରାଉଛନ୍ତି ଏବଂ ସେମାନଙ୍କୁ ଏହା କହିବା ପାଇଁ ଅବସର ମିଳୁଛି ଯେ ଦେଖ ଯେଉଁ ସରକାର, ଯେଉଁ ଲିଡର୍ ନିଜ ନାଗରିକମାନଙ୍କ ଉପରେ ଅତ୍ୟାଚାର କରି ମାରିପାରୁଛନ୍ତି ସେମାନଙ୍କଠାରୁ ଅନ୍ୟଙ୍କ ଉପରେ ବା ଅନ୍ୟଧର୍ମର ଲୋକଙ୍କ ଉପରେ ଅତ୍ୟାଚାର ହେବନାହିଁ ବୋଲି କଣ ଆଶା ରଖାଯାଇପାରିବ । କିନ୍ତୁ ଏହି ସବୁ କଥା ମଧ ଇସ୍‌ଲାମ୍ ଏବଂ ଆଁ ହଜରତ୍ ସ:ଆ:ସଙ୍କ ସତ୍ୟତା ନିମନ୍ତେ ଦଲିଲ୍ ଅଟେ ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଗୋଟିଏ ପଟେ ଇସ୍‌ଲାମ୍ ବିରୋଧି ଶକ୍ତିମାନଙ୍କର ଭାଷଣବାଜି ଓ ପୁସ୍ତକ ଲେଖା ଓ ତାର ଐତିହାସିକ ବାସ୍ତବିକତାକୁ ବିକୃତ କରି ଉପସ୍ଥାପନ କରିବା । ଏକଥାର ଦଲିଲ୍ ଅଟେ ଯେ ସେମାନଙ୍କ ମନରେ ଏ ଭୟ ସୃଷ୍ଟି ହେଉଛି ଯେ ଯେହେତୁ ବର୍ତମାନ ମୁସଲ୍‌ମାନ୍ ମାନଙ୍କର ଗୋଟିଏ ଗୋଷ୍ଠୀ ନିଜ ଧର୍ମୀୟ ଶିକ୍ଷା ଉପରେ କାଏମ୍ ଅଛନ୍ତି ଓ ବର୍ତମାନ ମଧ ପବିତ୍ର କୋରାନ୍ ନିଜର ଅସଲ ରୂପରେ ଅବସ୍ଥିତ ଅଛି ଏବଂ ଇନ୍‌ଶାଅଲ୍ଲାଃ ତାଲା ସବୁବେଳ ପାଇଁ ରହିବ ଏହା ଅଲ୍ଲାଃତାଲାଙ୍କର ପ୍ରତିଶୃତି, ଏପରି ନହୋଇଯାଉ ଯେ ଗୋଟିଏ ସମୟ ଆସିବ ଇସ୍‌ଲାମ୍ ଦୁନିଆର ସବୁଠାରୁ ବଡ଼ ଧର୍ମ ହୋଇଯିବ । ଏହାକୁ ମାନୁଥିବା ଲୋକେ ଅନ୍ୟ ଧର୍ମକୁ ମାନୁଥିବା ଲୋକମାନଙ୍କଠାରୁ ଅଧିକା ହୋଇଯିବେ । ସେଥିପାଇଁ ସେମାନେ ଇସ୍‌ଲାମ୍ ବିରୋଧରେ ଭରପୁର୍ ଚେଷ୍ଟା ଚଳାଇଛନ୍ତି ଯେ କିପରି ଏହାକୁ ନିଃଶେଷ କରି ଦିଆଯାଉ ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଅନ୍ୟପଟେ ଯେଉଁଠି ମୁସଲ୍‌ମାନ୍ ଓ୍ୱଲେମା ଏବଂ ସମ୍ରାଟ୍‌ମାନଙ୍କର ପ୍ରଶ୍ନ ଅଛି ତେବେ ଏହାର ପେଶ୍‌ଗୋଇ ମଧ ଆଁ ହଜରତ୍ ସ:ଆ:ସ ପୂର୍ବରୁ କରିଦେଇଥିଲେ ଯେ ଏପରି ଏକ ସମୟ ଆସିବ, ମୁସଲ୍‌ମାନ ମାନଙ୍କ ମଧରେ ନା ନ୍ୟାୟବନ୍ତ ସମ୍ରାଟ ରହିବେ ନା ଜ୍ଞାନ ଉପରେ ଅମଳ କରୁଥିବା ଓ୍ୱଲେମା ରହିବେ । କୋରାନ୍ କରିମ୍ କୁ ବୁଝିବା ପାଇଁ ତାଙ୍କ ପାଖରେ ଶକ୍ତି ନଥିବ ବରଂ ଆକାଶ ତଳେ ନିକୃଷ୍ଟତର ପ୍ରାଣୀ ରୂପେ ବସବାସ କରିବେ । ଏହିପରି ସମୟରେ ପୁଣି ଖୁଦାତାଲା ମସିହ୍ ମଉଦ୍ ଓ ମେହେଦୀ ମାଉଦ୍‌ଙ୍କୁ ପ୍ରେରଣ କରିବେ ଯିଏ ଦିନେ ଇସ୍‌ଲାମ୍‌ର ବାସ୍ତବିକତାକୁ ସଂସାରବାସୀକୁ ବତାଇବେ । ମୁସଲ୍‌ମାନ ମାନଙ୍କର ମଧ ଠିକ୍ ମାର୍ଗରେ ପରିଚାଳିତ କରାଇବେ । ଏବଂ ସଂସାରବାସୀକୁ ମଧ ବତାଇବେ ଯେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା କଣ । ଇସ୍‌ଲାମୀୟ ଶିକ୍ଷା ଉପରେ ଯେଉଁ ଆରୋପ ଲଗାଯାଉଛି ଏହାର ବାସ୍ତବିକତା କଣ ଓ ଆଁ ହଜରତ୍ ସ:ଆ:ସ ଙ୍କ ଉପରେ ଯେଉଁ ଭୁଲ୍ ଆରୋପ ଲଗାଯାଉଛି ଏହାର ବାସ୍ତବିକତା କଣ । ସେ ସଂସାରବାସୀକୁ ବତାଇବେ ଯେ ତୁମେ ଯେଉଁ ନବୀ ଓ ଯେଉଁ ଦୀନ୍‌କୁ ଦୁନିଆ ନିମନ୍ତେ ଘାତକ ବୋଲି ବିବେଚନା କରୁଛ ସେମାନେ ହିଁ ଅସଲରେ ଦୁନିଆର ଉନ୍ନତି ପାଇଁ ଜାମିନ୍ ଅଟନ୍ତି ଏବଂ ମୋକ୍ଷ ପ୍ରଦାନକାରୀ ମଧ ଅଟନ୍ତି । ଘର ସମ୍ପର୍କୀୟ, ପାରିବାରିକ ମାମଲା ଓ ପିଲାମାନଙ୍କର ତରବିଅତ୍‌ଠାରୁ ନେଇ ସମାଜରେ ଆପୋଶ ସମ୍ପର୍କ, ସମ୍ପର୍କୀୟଙ୍କ ଅଧିକାର ଓ ସାମାଜିକ ଅଧିକାର ପର୍ଯ୍ୟନ୍ତ ଓ ବ୍ୟବସାୟିକ ଦେବାନେବା ଓ ସରକାର ଚଳାଇବାର ଉପାୟ ଠାରୁ ନେଇ ଆନ୍ତର୍ଜାତିକ ସମ୍ପର୍କ ଓ ଦେଶ ଦେଶ ମଧରେ ସୁ ସମ୍ପର୍କ ଏବଂ ସଂସାରକୁ ଶାନ୍ତି ଦେବା ପାଇଁ ଜମାନତ୍ ଓ ଆନ୍ତଧର୍ମୀୟ ସମ୍ପର୍କୀୟ ପର୍ଯ୍ୟନ୍ତ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ସେହି ଆସିବାକୁ ଥିବା ମସିହ୍ ଓ ମେହେଦୀ ବତାଇବେ । ଇସ୍‌ଲାମ୍ ଉପରେ ଏତ୍‌ରାଜ କରୁଥିବା ଲୋକେ ଇସ୍‌ଲାମ୍ ଉପରେ ଏ ଅଭିଯୋଗ ମଧ ଆଣିଛନ୍ତି ଯେ ଇସ୍‌ଲାମ୍ ହେଉଛି ଗୋଟିଏ ଯୁଦ୍ଧଖୋର୍ ଧର୍ମ । (କିନ୍ତୁ) ସେ (ମସିହ୍ ଏହା ମଧ ବତାଇବ ଏବଂ ଏହି ଅଭିଯୋଗକୁ ମଧ ଖଣ୍ଡନ କରିବେ ଯେ ଇସ୍‌ଲା ଯୁଦ୍ଧ ଦ୍ୱାରା ବ୍ୟାପିଛି ବୋଲି । ଏବଂ ନା ତ ଏହା ଯୁଦ୍ଧଖୋର୍ ଧର୍ମ ଅଟେ । ଏବଂ ଏହା ସବୁ ସେ ପବିତ୍ର କୋରାନ୍‌ର ଶିକ୍ଷାରୁ ଓ ଆଁ ହଜରତ୍ ସ:ଆ:ସ ଙ୍କ କର୍ମରୁ ପ୍ରମାଣ କରାଇବେ ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ ଆମେ ଅହେମଦୀମାନେ ଏକଥାର ସାକ୍ଷୀ ଅଟୁ ଏବଂ ଏଲାନ୍ କରୁଛୁ ଯେ ଆଁ ହଜରତ୍ ସ:ଆ:ସ ଙ୍କ ପେଶ୍‌ଗୋଇ ମୁତାବକ ଯେଉଁ ମସିହ୍ ଓ ମେହେଦୀଙ୍କୁ ଆସିବାର ଥିଲା, ସେ ଆସିଲେ ଓ ସେ ମସିହ୍ ଓ ମେହଦୀ ହେବାର ଦାବି କଲେ । କେବଳ ଦାବି କଲେ ନାହିଁ ବରଂ ମସିହ୍ ଓ ମେହେଦୀଙ୍କ ଆଗମନ ଦ୍ୱାରା ଆଁ ହଜରତ୍ ସ:ଆ:ସଙ୍କ ଦ୍ୱାରା ବର୍ଣ୍ଣିତ ନିଦର୍ଶନ ଗୁଡିକ ଓ ଖୁଦାତାଲାଙ୍କ ପୁସ୍ତକରେ ବର୍ଣ୍ଣିତ ଅବସ୍ଥା ଓ ନିଦର୍ଶନମାନ ଯାହାକୁ ଖୁଦାତାଲା ମସିହ୍ ଓ ମେହଦୀ ଆଗମନର ଚିହ୍ନ ସଦୃଶ ବର୍ଣ୍ଣନା କରିଛନ୍ତି, ସେଗୁଡିକୁ ଆମେ ପୁରଣ ହେବାର ଦେଖୁଅଛୁ । ସୂର୍ଯ୍ୟ ଚନ୍ଦ୍ରକୁ ରମ୍‌ଜାନ୍ ମାସର ବିଶେଷ ତାରିଖରେ ଗ୍ରହଣ ଲାଗିବାର ନିଦର୍ଶନକୁ ପୂର୍ବ ପଶ୍ଚିମର ଖବରକାଗଜ ଗୁଡିକ ଆପଣଙ୍କ ଦାବି ପରେ ସେ ସବୁକୁ ପୁରଣ ହେବାର ଖବର ୧୨୦ ବର୍ଷ ପୂର୍ବେ ଛପାଇ ସୁରକ୍ଷିତ କରିଦେଲେ । ସେ ଯାହାହେଉ ଏ ପେଶ୍‌ଗୋଇ ଏବଂ ନିଦର୍ଶନ ଗୁଡିକର ଗୋଟିଏ ଲମ୍ବା ସିଲ୍‌ସିଲା ଅଛି ।

ହଜୁର୍ ଅନ୍ୱର୍ ଅ:ବ:ଅ କହିଲେ- ବର୍ତମାନ ମୁଁ ଯାହା କିଛି ବର୍ଣ୍ଣନା କରିବା ପାଇଁ ଚାହୁଁଛି ଇସ୍‌ଲାମ୍ ଓ ଆଁ ହଜରତ୍ ସ:ଆ:ସ ଙ୍କ ଉପରେ ଯେଉଁ ଆରୋପ ଲଗାଯାଉଛି ସେମାନଙ୍କ ମଧରୁ ସବୁଠାରୁ ବଡ଼ ଆରୋପ ଯାହାକୁ ଆଜିକାଲି ଦୁନିଆରେ ଉପସ୍ଥାପନ କରାଯାଉଛି ଏବଂ ମାତ୍ରାଧିକ ଭାବେ ପାଶ୍ଚାତ୍ୟ ମିଡ଼ିଆରେ ମଧ ଓ ଇସ୍‌ଲାମ୍ ବିରୋଧି ଶକ୍ତିମାନେ ମଧ ଉପସ୍ଥାପନ କରୁଛନ୍ତି ତାହା ହେଉଛି ଇସ୍‌ଲାମ୍‌ର ଯୁଦ୍ଧଖୋର୍ ଶିକ୍ଷା ଓ ଇସ୍‌ଲାମ୍‌ର କଠୋରବାଦୀ ଓ ଆତଙ୍କବାଦୀ ଧର୍ମ । ବାସ୍ତବରେ ଏହା ଏପରି ଗୋଟିଏ ଆରୋପ ଯାହାର ଇସ୍‌ଲାମୀ ଶିକ୍ଷା ସହିତ ବା ଆଁ ହଜରତ୍ ସ:ଆ:ସ ଙ୍କ ସହିତ କୌଣସି ପ୍ରକାର ସମ୍ପର୍କ ନାହିଁ । ହଜରତ୍ ମସିହ୍ ମଉଦ୍ ଏହି ଆରୋପକୁ ଖଣ୍ଡନ କରି ଇସ୍‌ଲାମୀ ଯୁଦ୍ଧ ଏବଂ ଜିହାଦ୍‌ର ବାସ୍ତବିକତାକୁ ଖୋଲିକରି ବର୍ଣ୍ଣନା କରିଛନ୍ତି । ସୁତରାଂ ଏହା ଆମର ସୌଭାଗ୍ୟ ଯେ ଆମେ ହିଁ ଅଟୁ ଯିଏ ଯାହାର ବାସ୍ତବିକତାକୁ ପ୍ରକୃତ ରୂପେ ଜାଣିଛନ୍ତି । ସୁତରାଂ ଆପଣ ଏହି ବାସ୍ତବିକତାକୁ ବର୍ଣ୍ଣନା କରି କହୁଛନ୍ତି- ଆମେ ଏହା ପ୍ରମାଣ କରିପାରିବୁ ଯେ ଇସ୍‌ଲାମୀୟ ଯୁଦ୍ଧ ସମ୍ପୂର୍ଣ୍ଣ ରୂପେ ଆତ୍ମରକ୍ଷା ନିମନ୍ତେ ଥିଲା । ପୁଣି ଆପଣ କହୁଛନ୍ତି ଯେ ଆଁ ହଜରତ୍ ସ:ଆ:ସ ଏବଂ ଆପଣଙ୍କ ଅନୁଯାୟୀମାନଙ୍କୁ ମକ୍କାର ଲୋକମାନେ ବରାବର ୧୩ ବର୍ଷ ପର୍ଯ୍ୟନ୍ତ ଭୀଷଣ ଦୁଃଖ ଓ କଷ୍ଟ ଦେଲେ । ସୁତରାଂ ସେମାନଙ୍କ ମଧରୁ କେତେକଙ୍କୁ ହତ୍ୟା କରିଦେଲେ । ଏବଂ କିଛି ଅତ୍ୟାଚାରିତ ହୋଇ ମରିଗଲେ । ସୁତରାଂ ଇତିହାସ ପଢ଼ିଥିବା ବ୍ୟକ୍ତିଙ୍କ ଉପରେ ଏକଥା ଲୁଚି ରହିନାହିଁ ଯେ ନିରୀହ ମହିଳାମାନଙ୍କ ଉପରେ ଭୀଷଣ ଅତ୍ୟାଚାର କରି ତାଙ୍କୁ ମାରିଦିଆଗଲା । ଏପରିକି ଜଣେ ମହିଳାଙ୍କୁ ଦୁଇଟି ଓଟର ମଝିରେ ବାନ୍ଧି ଦିଆଗଲା ଏବଂ ପୁଣି ସେମାନଙ୍କୁ ବିପରୀତ ଦିଗରେ ଦୌଡ଼ାଇ ଦିଆଗଲା । ସେହି ନିରୀହ ମହିଳା ଜଣଙ୍କୁ ଦୁଇଫାଳ କରି ଫାଡ଼ି ଦିଆଗଲା । ଏହିପରି ଦୁଃଖ କଷ୍ଟକୁ ବରାବର ୧୩ ବର୍ଷ ପର୍ଯ୍ୟନ୍ତ ଆଁ ହଜରତ୍ ସ:ଆ:ସ ଏବଂ ଆପଣଙ୍କର ପବିତ୍ର ଜମାତ ବହୁତ ଧୈର୍ଯ୍ୟ ଏବଂ ସାହସର

ସହିତ ସହିଗଲେ । ଏଥିରେ ମଧ୍ଯ ସେମାନେ ତାଙ୍କର ଅତ୍ୟାଚାରକୁ ରୋକିଲେ ନାହିଁ । ପରିଶେଷରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ହତ୍ୟା କରିବା ପାଇଁ ଯୋଜନା କଲେ । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଖୁଦାତାଲାଙ୍କ ଠାରୁ ଏ ବିଷୟରେ ଖବର ପାଇ ମକ୍କାରୁ ମଦିନା ହିଜ୍‌ରତ୍ କରି ଚାଲିଗଲେ ପୁଣି ମଧ୍ଯ ସେମାନେ ଛାଡ଼ିଲେ ନାହିଁ । ତାଙ୍କ ପିଛା କଲେ । ଶେଷରେ ଯେତେବେଳେ ଏ ଲୋକମାନେ ମଦିନାକୁ ଆକ୍ରମଣ କରିବା ପାଇଁ ଗଲେ ସେତେବେଳେ ଅଲ୍ଲାଃତାଲା ତାଙ୍କ ହମ୍‌ଲାକୁ ପ୍ରତିରୋଧ କରିବା ପାଇଁ ନିର୍ଦ୍ଦେଶ ଦେଲେ । କାରଣ ଏବେ ସେ ସମୟ ଆସିଯାଇଥିଲା ଯେ ମକ୍କା ନିବାସୀ ନିଜର ଦୁଷ୍ଟତା ଓ ଧୃଷ୍ଟତା କରିଥିବା ଯୋଗୁଁ ଅଲ୍ଲାଃଙ୍କ ଦଣ୍ଡକୁ ପାଇବାର ଥିଲା । ସୁତରାଂ ଖୁଦାତାଲା ପ୍ରଥମରୁ ଏ ପ୍ରତିଶ୍ରୃତି ଦେଇଥିଲା ଯେ ଯଦି ଏ ଲୋକମାନେ ନିଜର ଧୃଷ୍ଟତାରୁ ବାଦ ନ ଯିବେ ତେବେ ତାଙ୍କୁ ଅଲ୍ଲାଃତାଲାଙ୍କ ଦଣ୍ଡ ଦିଆଯାଇ ନିଃଶେଷ କରିଦିଆଯିବ । ପବିତ୍ର କୋରାନ୍‌ରେ ଏହି ଯୁଦ୍ଧର କାରଣ ସ୍ପଷ୍ଟ ଭାବରେ ଲେଖା ଯାଇଛି । ଉଜିନା ଲିଲ୍‌ଲଜିନା ୟୁକାତଲୁନା ବି ଅନ୍ନହୁମ୍ ଜୁଲିମୁ ଓ୍ୱ ଇନ୍ନଲ୍ଲାହା ଆଲା ନସ୍‌ରିହିମ୍ ଲକଦିର୍ । ଅଲ୍‌ଲଜିନା ଉଖ୍ରିଜୁ ମିନ୍ ଦିଆରେ ହିମ୍ ବେଗଏରେ ହକ୍‌କିନ୍ । ଅର୍ଥାତ୍ - ସେହି ଲୋକମାନଙ୍କୁ ମୁକାବିଲା କରିବା ପାଇଁ ଅନୁମତି ଦିଆଗଲା ଯେଉଁମାନଙ୍କୁ ହତ୍ୟା କରିବା ପାଇଁ ବିରୋଧି ମାନେ ଆକ୍ରମଣ କରିଥିଲେ । ଏଥିପାଇଁ ଅନୁମତି ଦିଆଗଲା ଯେ ତାଙ୍କ ଉପରେ ଜୁଲମ୍ ହୋଇଛି ଓ ଖୁଦାତାଲା ମଜଲୁମ୍ (ଯାହାଙ୍କ ଉପରେ ଅତ୍ୟାଚାର ହୋଇଛି) ଙ୍କୁ ସାହାଯ୍ୟ କରିବା ପାଇଁ ସମର୍ଥ ଅଟେ । ଏ ସେହି ମଜଲୁମ୍ ଅଟନ୍ତି ଯେଉଁମାନଙ୍କୁ ବିନା କାରଣରେ ନିଜ ମାତୃଭୁମିରୁ ବାହାର କରିଦିଆଗଲା ତାଙ୍କର ଗୁନ୍‌ହା (ପାପ) କେବଳ ଏତିକି ଥିଲା ଯେ ସେମନେ କହିଥିଲେ ଆମର ପାଳନକର୍ତା ହେଉଛନ୍ତି ଅଲ୍ଲାଃତାଲା ।

କହୁଛନ୍ତି :- ଏହା ହେଉଛି ସେହି ଆୟତ ଯେଉଁଥିରୁ ଇସ୍‌ଲାମୀ ଯୁଦ୍ଧର ସିଲ୍‌ସିଲା ଆରମ୍ଭ ହେଲା । ଏହା ହେଉଛି ସେହି ପ୍ରଥମ ଆୟତ ଯେଉଁଥିରେ ଯୁଦ୍ଧ କରିବା ପାଇଁ ଅନୁମତି ଦିଆଯାଇଛି । ପୁଣି ଯେତକ ରକ୍ଷଣଶୀଳତା ଇସ୍‌ଲାମୀ ଯୁଦ୍ଧରେ ଦେଖିବେ, ଯୁଦ୍ଧର ଅନୁମତି ପରେ ମଧ୍ଯ ବହୁତ ଗୁଡିଏ ସର୍ତ ରଖାଯାଇଛି । କହୁଛନ୍ତି :- ଏହି ରିଆୟତ୍‌କୁ କେବଳ ଇସ୍‌ଲାମୀ ଯୁଦ୍ଧରେ ହିଁ ଦେଖିବେ । ଏହାର ଦୃଷ୍ଟାନ୍ତ ମୁସୁଓ୍ୱି (ହଜ୍‌ରତ୍ ମୁସା ଆ:ସ ଙ୍କ ସିଲ୍‌ସିଲା) ବା ୟସୁ (ହଜ୍‌ରତ୍ ଇସା ଆ:ସ ଙ୍କ ସିଲ୍‌ସିଲା) ଙ୍କ ଯୁଦ୍ଧରେ ମିଳିବ ନାହିଁ । ମୁସୁଓ୍ୱି ଯୁଦ୍ଧରେ ଲକ୍ଷ ଲକ୍ଷ ନିଷ୍ପାପ ପିଲାଙ୍କୁ ମାରିଦିଆଯିବା । ବୃଦ୍ଧ ଏବଂ ସ୍ତ୍ରୀ ଲୋକମାନଙ୍କୁ ହତ୍ୟା କରାଯିବା ଓ ଗଛପତ୍ରଗୁଡିକୁ ଜଳାଇ ଦିଆଯିବା ତୌରାତ୍‌ରୁ ପ୍ରମାଣିତ ହେଉଛି । କିନ୍ତୁ ଆମ ନବୀ କରିମ ସ:ଆ:ସ ଙ୍କ ସିଲ୍‌ସିଲା ରେ ଏପରି ଦେଖିବାକୁ ମିଳେନାହିଁ । ଯଦିଚ ଶତ୍ରୁମାନେ ଆପଣ ଓ ଆପଣଙ୍କ ଅନୁଯାୟୀମାନଙ୍କ ଉପରେ ଏତେ ଅତ୍ୟାଚାର କରିଥିଲେ ଯାହାର ଦୃଷ୍ଟାନ୍ତ ପ୍ରଥମରୁ ମିଳେନାହିଁ । ଏହା ସତ୍ତ୍ୱେ ମଧ୍ଯ ଯୁଦ୍ଧର ଅନୁମତି ମିଳିବା ପରେ ମୁସଲ୍‌ମାନ ମାନେ କଦାପି ପିଲାମାନଙ୍କୁ ଯୁଦ୍ଧରେ ହତ୍ୟା କରିନାହାଁନ୍ତି, ବୃଦ୍ଧ ଓ ମହିଳାମାନଙ୍କୁ ହତ୍ୟା କରିନାହାଁନ୍ତି, ସାଧୁସନ୍ଥମାନଙ୍କୁ ହତ୍ୟା କରନାହାଁନ୍ତି, କ୍ଷେତ ଫସଲ ଏବଂ ଗଛଗୁଡିକୁ ଜଳାଇ ନାହାଁନ୍ତି । ସେହିପରି ଉପାସନା ପୀଠଗୁଡିକୁ ନଷ୍ଟ କରିବା ପାଇଁ ମଧ୍ଯ ଶିକ୍ଷା ଦିଆଯାଇନାହିଁ ।

ଆପଣ କହୁଛନ୍ତି:-ଇସ୍‌ରାଇଲ୍ ନବୀଙ୍କ ଯୁଗରେ ଯେପରି ଦୁଷ୍ଟ ଲୋକମାନେ ନିଜ ଦୁଷ୍ଟତାରୁ ବାଦ ଆସୁନଥିଲେ ସେହିପରି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସମୟରେ ମଧ୍ଯ ଦୁଷ୍ଟ ଲୋକମାନେ ସୀମା ଅତିକ୍ରମ କରିସାରିଥିଲେ । ସୁତରାଂ ସେହି ସ୍ନେହମୟ ଓ କରୁଣାମୟ ଖୁଦା ମଧ୍ଯ ଉକ୍ତ ଦୁଷ୍ଟ ଲୋକମାନଙ୍କ ନିମନ୍ତେ ଦଣ୍ଡ ବିଧାନ କରିଥିଲେ । ଏହି ଯୁଦ୍ଧ ଦ୍ୱାରା ତାଙ୍କୁ ଦଣ୍ଡ ମଧ୍ଯ ଦେଲେ ।

କହିଲେ ଯେ ଲୁତ୍ ର କୌମ୍ ସହିତ କିପରି ବ୍ୟବହାର କରାଗଲା । ନୁହ୍ ଙ୍କ ବିରୋଧିମାନଙ୍କର କଣ ଫଳ ହେଲା । ପୁଣି ମକ୍କା ବାଲାଙ୍କୁ ଯଦି ଏପରି ଦଣ୍ଡ ଦିଆଗଲା ତେବେ ଏଥିରେ କାହିଁକି ଆରୋପ ଲଗାଉଛ ? କଣ ଏପରି କୌଣସି ଦଣ୍ଡ ବିଶେଷ ରୂପେ ଅଛି ଯେ କେବଳ ତାଉନ୍ ହେବ ବା ପଥର ବର୍ଷା ହେବ ବୋଲି । ଖୁଦା ଯେପରି ଚାହିଁବେ ତାଙ୍କ ଇଛାନୁସାରେ ସେପରି ଦଣ୍ଡ ଦେବେ ।.......

ନବୀ କରିମ୍ ସ:ଆ:ସ ଙ୍କ ଉପରେ ଏପରି ଅଭିଯୋଗ ହୋଇପାରିବ ନାହିଁ । ଆଜିକାଲି ହେଉଛି ବୁଦ୍ଧିର ଯୁଗ । ତେଣୁ ଏପରି ଅଭିଯୋଗର କୌଣସି ଅର୍ଥ ରହିବ ନାହିଁ କାରଣ ଯଦି କେହି ଧର୍ମରୁ ଅଲଗା ହୋଇ ଦେଖିବ ତେବେ ତାକୁ ସ୍ପଷ୍ଟ ଦେଖାଯିବ ଯେ ଇସ୍‌ଲାମୀ ଯୁଦ୍ଧ ଗୁଡିକରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ରକ୍ଷଣଶୀଳ ମନୋଭାବ ନିହିତ ଥିଲା ଏବଂ ପ୍ରତ୍ୟେକ ପ୍ରକାର ରକ୍ଷଣଶୀଳତାକୁ ଅଗ୍ରାଧିକାର ଦିଆଯାଉଥିଲା । ସୁତରାଂ ବୁଦ୍ଧିକୁ ଆଖି ଦ୍ୱାରା ଦେଖିବା ଆବଶ୍ୟକ ଏବଂ ଆମେ ସେମାନଙ୍କୁ ଦେଖାଇବା ମଧ୍ଯ ଆବଶ୍ୟକ ଅଛି । ଆପଣ କହୁଛନ୍ତି ମୋତେ ଯଦି କୌଣସି ଆର୍ଯ୍ୟ ବା ହିନ୍ଦୁ ଇସ୍‌ଲାମୀ ଯୁଦ୍ଧ ବାବଦରେ ପଚାରୁଛି ତେବେ ମୁଁ ତାଙ୍କୁ ବିନମ୍ରତାର ସହିତ ଏହା ବୁଝାଇ ଦେଉଛି ଯେ ଯେଉଁ କୁଫାର୍‌ମାନେ ମରିଥିଲେ ସେମାନେ ନିଜେ ହିଁ ନିଜ ତରଓ୍ୱାରି ଦ୍ୱାରା ମରାଯାଇଥିଲେ । ଯେତେବେଳେ ସେମାନଙ୍କର ଅତ୍ୟାଚାର ସୀମା ବାହାରକୁ ଚାଲିଗଲା ସେଥିଯୋଗୁଁ ତାଙ୍କୁ ଦଣ୍ଡ ଦିଆଗଲା ଓ ସେମାନଙ୍କ ଆକ୍ରମଣକୁ ରୋକି ଦିଆଗଲା ।

ପୁଣି ଆପଣ ଆ:ସ କହୁଛନ୍ତି:- ପବିତ୍ର କୋରାନ୍‌କୁ ବହୁତ ଧ୍ୟାନର ସହିତ ପଢ଼ନ୍ତୁ । ତେବେ ଆପଣଙ୍କୁ ସ୍ପଷ୍ଟ ଜଣାପଡ଼ିବ ଯେ ଏହାର ଶିକ୍ଷା ଏପରି ଅଟେ ଯେ କାହାର ବିରୋଧ କରନ୍ତୁ ନାହିଁ । ଯେଉଁମାନେ ଆଗକୁ ବଢ଼ି ନାହାଁନ୍ତି ସେମାନଙ୍କ ସହିତ ଦୟା କର । ବିନା କାରଣରେ ଲଢ଼ନ୍ତୁ ନାହିଁ । ଯେଉଁମାନେ ପ୍ରଥମେ ଯୁଦ୍ଧ ଆରମ୍ଭ କରୁନାହାଁନ୍ତି ସେମାନଙ୍କୁ ନା କେବଳ ଉପେକ୍ଷା କରନ୍ତୁ ବରଂ ସେମାନଙ୍କ ସହିତ ଉତମ ବ୍ୟବହାର କରନ୍ତୁ । ସେହିପରି ଯୁଦ୍ଧ ଆରମ୍ଭ କରୁଥିବା ଲୋକଙ୍କ ସହିତ ଏବଂ ସେମାନଙ୍କର ଅତ୍ୟାଚାରର ମୁକାବିଲାରେ ମଧ୍ଯ ନିଜର ଆତ୍ମରକ୍ଷା କରିବା ବ୍ୟତୀତ ଆଗକୁ ବଢ଼ନାହିଁ । ଇସ୍‌ଲାମର ପ୍ରାରମ୍ଭରେ ଏହିପରି କଠିନତାର ସମ୍ମୁଖୀନ ହୋଇଥିଲା ଯେ ଏହାର ଦୃଷ୍ଟାନ୍ତ ଆଉ କେଉଁଠି ମିଳେନାହିଁ । ଜଣେ ଯଦି ମୁସଲ୍‌ମାନ୍ ହେଉଯାଉଥିଲା ତାକୁ ମାରିବାକୁ ଓ ନିଜେ ମରିବାକୁ କୁଫାର୍‌ମାନେ ପଛଉ ନଥିଲେ ଏବଂ ଅନେକ ପ୍ରକାର ଫିତ୍‌ନା ଫସାଦ୍ କରିବ ହତ୍ୟାଠାରୁ ମଧ୍ଯ ଆଗକୁ ବଢ଼ି ଯାଉଥିଲେ । ସୁତରାଂ ଏପରି ପରିସ୍ଥିତିରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ତାଙ୍କ ସହିତ ମୁକାବିଲା କରିବାକୁ ପଡ଼ିଲା ।

ପୁଣି ଆପଣ କହୁଛନ୍ତି-ପୁଣି ଅନ୍ୟାନ୍ୟ ଅଂଶ ଉପରେ ଯେପରି ଗୁଲାମିର ବ୍ୟବସ୍ଥା ଉପରେ ମଧ୍ଯ ଆରୋପ ଲଗାଉଛନ୍ତି । କିନ୍ତୁ ପବିତ୍ର କୋରାନ୍ କ୍ରୀତଦାସ ମାନଙ୍କୁ ସ୍ୱାଧିନ କରିବା ପାଇଁ ଶିକ୍ଷା ଦେଉଅଛି ଏବଂ ତାଗିଦ୍ ମଧ୍ଯ କରିଛି ଯାହା ଅନ୍ୟ କୌଣସି ପୁସ୍ତକରେ ଦେଖିବାକୁ ମିଳେନାହିଁ । ପୁଣି କହୁଛନ୍ତି ଯେ ଆମ ନବୀ କରିମ୍ ସ:ଆ:ସ ଙ୍କୁ ଦେଖନ୍ତୁ ମକ୍କା ନିବାସୀ ଆପଣଙ୍କ ଉପରେ ଲଗାତାର ୧୩ ବର୍ଷ ପର୍ଯ୍ୟନ୍ତ ଦୁଃଖ କଷ୍ଟ ଦେଇ ଚାଲିଲେ । ଆପଣଙ୍କ ସାହାବା ମାନଙ୍କୁ ମଧ୍ଯ ଭୀଷଣ ଦୁଃଖ କଷ୍ଟ ଦେଲେ ଯାହାକୁ ଭାବିବା ଦ୍ୱାରା ଆମ ହୃଦୟ କମ୍ପି ଉଠୁଛି । ଏହା ସହିତ ଆପଣଙ୍କୁ ଘରୁ ମଧ୍ଯ ବାହାର କରିଦିଆଗଲା । ଏପରି ସମୟରେ ଆପଣ ଯେପରି ଧୈର୍ଯ୍ୟ ଓ ସହନଶୀଳତା ଦେଖାଇଲେ ତାହା ତ ସ୍ପଷ୍ଟ ରୂପେ ଜଣାପଡୁଛି କିନ୍ତୁ ଯେତେବେଳେ ଖୁଦାତାଲାଙ୍କ ନିର୍ଦ୍ଦେଶ ଅନୁସାରେ ଆପଣ ହିଜ୍‌ରତ୍ କଲେ ଏବଂ ପୁଣି ମକ୍କା ବିଜୟ ଅବସର ମିଳିଲା ତେବେ ସେ ସମୟରେ ସେହି ଦୁଃଖ କଷ୍ଟ ଏବଂ ଅତ୍ୟାଚାର ଗୁଡିକୁ ଯାହା ମକ୍କା ନିବାସୀ ୧୩ ବର୍ଷ ପର୍ଯ୍ୟନ୍ତ ଲଗାତାର ଆପଣଙ୍କ ଉପରେ ଓ ଆପଣଙ୍କ ସାହାବାଙ୍କ ଉପରେ କରିଚାଲିଥିଲେ ଏହା ମନେପଡ଼ିବା ଦ୍ୱାରା ଆପଣଙ୍କୁ ଏ ଅଧିକାର ଥିଲା ଯେ ସେହି ସମସ୍ତ ଦୋଷିମାନଙ୍କୁ ଅର୍ଥାତ୍ ମକ୍କାର ଲୋକମାନଙ୍କୁ ହତ୍ୟା କରି ନିଃଶେଷ କରିଦେଇଥାଆନ୍ତେ ଏବଂ ଏହି ହତ୍ୟା ଦ୍ୱାରା କୌଣସି ମୁଖାଲିଫ୍ ମଧ୍ଯ ଆରୋପ ଲଗାଇ ପାରିନଥାନ୍ତା । କାରଣ ସେମାନଙ୍କର ଅତ୍ୟାଚାରର ଫଳ ହତ୍ୟା ହିଁ ଥିଲା । ସେଥିପାଇଁ ଯଦି ଆପଣଙ୍କ ଭିତରେ କେବଳ କ୍ରୋଧ ହିଁ ଥାଆନ୍ତା ଅର୍ଥାତ୍ ଯଦି ଆପଣ କ୍ରୋଧାନ୍ୱିତ ହୋଇ କାମ କରିଥାନ୍ତେ ଆପଣ ଆଉ କିଛି ପ୍ରତିଶୋଧ ନେଇଥାଆନ୍ତେ । ଏବଂ ମନରେ ଯଦି ଆଉ କିଛି ଥାଆନ୍ତା ତେବେ ଏହି ମକ୍କା ବିଜୟ ଅବସର ପ୍ରତିଶୋଧ ନେବାପାଇଁ ବହୁତ ବଡ଼ ମଉକା ଥିଲା କାରଣ ସେମାନେ ବନ୍ଦି ହୋଇସାରିଥିଲେ କିନ୍ତୁ ଆପଣ କଣ କଲେ, ଆପଣ ସେହି ସମସ୍ତ ଦୋଷୀମାନଙ୍କୁ ଛାଡ଼ିଦେଲେ ଏବଂ କହିଲେ ଲା ତସ୍‌ରିବା ଆଲୈକୁମୁଲ୍ ୟୋମ୍ । ଅର୍ଥାତ୍-ଆଜି କାହାକୁ ଦଣ୍ଡ ନଦିଆଯାଇ ସମସ୍ତଙ୍କୁ କ୍ଷମା କରାଯାଉଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସୁତରାଂ ଯଦି ଇସ୍‌ଲାମ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସ ଏହିପରି ପରିସ୍ଥିତିରେ ମଧ୍ଯ କରୁଣା ଓ ନମ୍ରତାର ବ୍ୟବହାର କରୁଛନ୍ତି ତେବେ ଆଜିର ସମୟରେ ଯେଉଁଠି ଇସ୍‌ଲାମ୍‌କୁ ଏକ ଧର୍ମ ହିସାବରେ ତରଓ୍ୱାରି ଦ୍ୱାରା ନିଃଶେଷ କରିଦେବା ପାଇଁ କୌଣସି ସରକାର ବା କୌଣସି ଶକ୍ତି ଚେଷ୍ଟା କରୁନାହାଁନ୍ତି ତେବେ ଏହା କିପରି ବୈଧ ହେବ ଯେ ଅଣ ମୁସଲ୍‌ମାନ୍ ମାନଙ୍କ ଉପରେ ଅତ୍ୟାଚାର କରି ତାଙ୍କୁ ମାରିଦିଆଯିବ । ଯେଉଁମାନଙ୍କ ଭିତରେ ନିରୀହ ପିଲା ବି ଅଛନ୍ତି, ସ୍ତ୍ରୀ, ବୃଦ୍ଧ ଏବଂ ପାଦ୍ରୀମାନେ ମଧ୍ଯ ଅଛନ୍ତି ସେହିପରି ଧାର୍ମିକ ଗୁରୁମାନେ ମଧ୍ଯ ଅଛନ୍ତି । ଆମେ ବହୁତ ସୌଭାଗ୍ୟଶାଳୀ ଅଟୁ ଯେ ଆମେ ଏ ଯୁଗର ଇମାମ୍‌କୁ ମାନି ନେଇଛୁ ଏବଂ ପ୍ରକୃତ ଇସ୍‌ଲାମ୍‌କୁ ଚିହ୍ନି ପାରିଛୁ । ଅନ୍ୟ ମୁସଲ୍‌ମାନମାନେ ଏ ଅପେକ୍ଷାରେ ଅଛନ୍ତି ଯେ କୌଣସି ଜଣେ ଖୁନୀ ମେହେଦୀ ଆସିବେ । ସେ ଆସି ଯୁଦ୍ଧ ଆରମ୍ଭ କରାଇବେ । କିନ୍ତୁ ସେମାନେ ନିଜ ଭାବନାରେ ଏପର୍ଯ୍ୟନ୍ତ ବୁଡ଼ି ରହିଛନ୍ତି, ଯାହାକୁ ଆସିବାର ଥିଲା ସେ ଆସିଯାଇଛନ୍ତି ଏବଂ ଆସି ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ ସଂସାରରେ ପ୍ରସାର କରିବା ପାଇଁ ଗୋଟିଏ ଜମାତ୍ ମଧ୍ଯ ପ୍ରତିଷ୍ଠା କରି ଯାଇଛନ୍ତି ।

ସୁତାରାଂ ବର୍ତ୍ତମାନ ପ୍ରତ୍ୟେକ ଅହେମଦୀ ଉପରେ ଏହା ଧାର୍ଯ୍ୟ ଅଟେ ଯେ ସେମାନେ ଅଣ ମୁସଲ୍‌ମାନ ମାନଙ୍କ ମୁହଁକୁ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷା ବତାଇକରି ବନ୍ଦ କରନ୍ତୁ ଏବଂ ମୁସଲ୍‌ମାନ ମାନଙ୍କୁ ମଧ୍ୟ ବତାଇଦିଅନ୍ତୁ ଯେ ଏବେ ଯଦି ତୁମେ ଇସ୍‌ଲାମ୍‌ର ଉନ୍ନତି ଦେଖିବାକୁ ଚାହୁଁଛ ଏବଂ ଏହାର ଅଂଶ ହେବାକୁ ଚାହୁଁଅଛ ତେବେ ମସିହି ମହମ୍ମଦିଙ୍କ ଯମାତ୍‌ରେ ସାମିଲ୍ ହୋଇ ଏହା କରିପାରିବ । ଏତଦ୍‌ବ୍ୟତୀତ ଆଉ କୌଣସି ରାସ୍ତା ନାହିଁ । ଏବେ କୌଣସି ଖୁନୀ ମେହେଦୀ ଆସିବେ ନାହିଁ । ଏବେ ଇସ୍‌ଲାମ୍ ପ୍ରସାର ହେବ ଏବଂ ନିଶ୍ଚିତ ରୂପେ ବ୍ୟାପିଯିବ ଓ ନିଜର ଶାନ୍ତିପ୍ରିୟ ଶିକ୍ଷାକୁ ପ୍ରସାର କରିବ । ଇନ୍‌ଶାଅଲ୍ଲାଃ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଏବେ ଯଦି ଦୁନିଆର ଉନ୍ନତି ହେବ ତେବେ ତାହା ଇସ୍‌ଲାମ୍‌କୁ ଗ୍ରହଣ କରିବା ଦ୍ୱାରା ହେବ । ସେହିପରି ଯଦି ମୁସଲ୍‌ମାନ୍‌ମାନେ ଉନ୍ନତି କରିବାକୁ ଚାହୁଁଛନ୍ତି ତେବେ ଏହା କେବଳ ଏହି ମସିହି ଓ ମେହେଦୀଙ୍କ ସହିତ ଯୋଡ଼ି ହେବା ଦ୍ୱାରା ହିଁ ହୋଇପାରିବ । ଏତଦ୍‌ବ୍ୟତୀତ ଆଉ କୌଣସି ରାସ୍ତା ନାହିଁ । ସେହି ମସି ଓ ମେହେଦୀ ଯିଏ ଅଲ୍ଲାଃତାଲାଙ୍କ ପ୍ରତିଶୃତି ଅନୁସାରେ ଆସିଲେ ଏବଂ ଯିଏ ଯମାତ୍‌ର ଗୋଟିଏ ସିଲ୍‌ସିଲାକୁ ପ୍ରତିଷ୍ଠା କରିଦେଲେ । ଅଲ୍ଲାଃତାଲା ଆମକୁ ଶକ୍ତି ପ୍ରଦାନ କରନ୍ତୁ ଯେ ଆମେ ପ୍ରଥମରୁ ବଳି ଇସ୍‌ଲାମ୍‌ର ମହାନତାକୁ ପ୍ରତିଷ୍ଠା କରିବା ପାଇଁ ନିଜର ସବୁ ଶକ୍ତି ଓ ସାମର୍ଥ୍ୟ ସହିତ ଇସ୍‌ଲାମ୍‌ର ତବ୍‌ଲିଗ୍ କରିପାରିବା । ଏବଂ ଦୁନିଆରେ ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ପ୍ରସାର କରିପାରିବା । ଏବଂ ଇସ୍‌ଲାମ୍‌ର ବାସ୍ତବିକ ବାର୍ତ୍ତାକୁ ସଂସାରରେ ପ୍ରସାର ଓ ପ୍ରଚାର କରିପାରିବା ଏବଂ ସଂସାରବାସୀଙ୍କୁ ଆମେ ବତାଇଦେବା ଯେ ଆଜି ଯଦି ତୁମେ ଉନ୍ନତି କରିବ ତେବେ ଇସ୍‌ଲାମ୍ ମାଧ୍ୟମରେ ହିଁ କରିପାରିବ ନଚେତ୍ ଏ ଦୁନିଆ ଧ୍ୱଂସାଭିମୁଖୀ ହେଉଅଛି । ଏହା ଧ୍ୱଂସ ହୋଇଯିବ । ଏବଂ ଏହାକୁ ବଂଚାଇବା ବାଲା କୌଣସି ଦୀନ୍ ନାହିଁ । କେବଳ ଦୀନେ ଇସ୍‌ଲାମ୍ ହିଁ ଏହାକୁ ବଂଚାଇପାରିବା । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ଏବଂ ସଂସାରବାସୀଙ୍କୁ ବୁଦ୍ଧି ପ୍ରଦାନ କରନ୍ତୁ । ଏବେ ଦୁଆ କରି ନିଅନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କର ଏହି ଅଭିଭାଷଣ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ଦୁଆ କରାଇଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜଲ୍‌ସା ସାଲାନାରେ ଯୋଗ ଦେଇଥିବା ଲେକମାନଙ୍କର ଉପସ୍ଥାନ ଘୋଷଣା କରି କହିଲେ:- ଏ ବର୍ଷ ଜଲ୍‌ସା ସାଲାନାର ମୋଟ୍ ଉପସ୍ଥାନ ୪୧୦୭୩ ଅଟେ । ସେମାନଙ୍କ ମଧ୍ୟରୁ ମହିଳମାନଙ୍କ ଉପସ୍ଥାନ ହେଉଛି ୨୦୪୫୫ ଏବଂ ପୁରୁଷମାନଙ୍କର ଉପସ୍ଥାନ ହେଉଛି ୨୦୬୧୮ । ଏତଦ୍‌ବ୍ୟତୀତ ତବ୍‌ଲିଗ୍ ଦ୍ୱାରା ଆସିଥିବା ଅତିଥିମାନଙ୍କ ସଂଖ୍ୟା ହେଉଛି ୧୦୫୫ ।

ଏହି ଜଲ୍‌ସାରେ ୮୮ ଦେଶରୁ ଲୋକେ ପ୍ରତିନିଧିତ୍ୱ କରିଥିଲେ । ସେହିପରି ୬୧୧୮ ଜଣ ଅତିଥି ବିଭିନ୍ନ ଦେଶରୁ ଜଲସାରେ ସାମିଲ୍ ହେବାପାଇଁ ଆସିଥିଲେ । ଏହାପରେ ପ୍ରୋଗ୍ରାମ୍ ମୁତାବକ ବିଭିନ୍ନ ଗ୍ରୁପ୍‌ସ ଦୁଆଇଆ ନଜମ ଏବଂ ତରାନା ଉପସ୍ଥାପନ କଲେ । ସର୍ବପ୍ରଥମେ ଆଫ୍ରିକିୟ ଲୋକମାନଙ୍କ ଦ୍ୱାରା ପରିବେଷ୍ଟିତ ଗ୍ରୁପ୍ ନିଜର ବିଶେଷ ଶୈଳୀ ଦ୍ୱାରା ପ୍ରୋଗ୍ରାମ୍ ଉପସ୍ଥାପନ କଲେ ଏବଂ କଲ୍‌ମା ତଇଅବାକୁ ଦୋହରାଇଲେ । ମାସିଡୋନିଆ ଦେଶରୁ ଆସିଥିବା ନୈାମୋବାଇନ୍‌ମାନେ ମେସିଡ଼ୋନିଆ ଭାଷାରେ ଗାଟିଏ ନଜମ୍ ଲଳିତ ସ୍ୱରରେ ପରିବେଶଣ କଲେ । ଏହି ନଜମ୍‌ର ଅନୁବାଦ ନିମ୍ନରେ ଦିଆଯାଉଛି ।

"ମୋତେ ଏପରି ଏକ ସ୍ଥାନର ଜ୍ଞାନ ହୋଇଛି ଯେଉଁଠି ଅଲ୍ଲାଃଙ୍କର ସବୁଠାରୁ ପ୍ରିୟ ଭକ୍ତ ରହୁଛନ୍ତି । ହେ ପକ୍ଷୀମାନେ ! ଯଦି ତୁମେ ମଦିନାର ଉପର ଭାଗରେ ଉଡିବ ତେବେ ଆମର ପ୍ରିୟ ରସୁଲ୍‌ଙ୍କୁ ଆମ ତରଫରୁ ସଲାମ୍ କହିବ । ଆମର ମନ ତାଙ୍କ ପାଇଁ ବ୍ୟାକୁଳ ହେଉଛି । ମୋତେ ଏପରି ଗୋଟିଏ ସ୍ଥାନ ମଧ୍ୟ ଜଣାପଡ଼ିଛି ଯେଉଁଠି ଅଲ୍ଲାଃତାଲାଙ୍କର ପ୍ରିୟ ଭକ୍ତ ଆରାମ କରୁଛନ୍ତି । ହେ ପକ୍ଷୀମାନେ ! ଯଦି ତୁମେ କାଦିଆନ୍ ଉପରେ ଉଡ଼ିବ ତେବେ ଆମର ଇମାମ୍‌କୁ ଆମ ତରଫରୁ ସଲାମ୍ କହିବ । ମୋର ମନ ଆପଣଙ୍କ ପାଇଁ ବ୍ୟାକୁଳ ହେଉଅଛି । ମୋତେ ଏପରି ସ୍ଥାନ ଜ୍ଞାନ ହୋଇଛି ଯାହାଙ୍କ ବିଷୟରେ ସମସ୍ତେ କହୁଛନ୍ତି ଯେ ସେଠାକୁ ଅଲ୍ଲାଃଙ୍କର ଜଣେ ପ୍ରିୟ ଭକ୍ତ ଆସୁଛନ୍ତି । ହେ ପକ୍ଷୀମାନେ ! ଯଦି ତୁମେ ଜଲ୍‌ସା ସାଲାନା ଉପରେ ଉଡ଼ିବ ତେବେ ଆମର ପ୍ରିୟ ହଜୁର୍‌ଙ୍କୁ ଆମର ସଲାମ୍ କହିବ । ମୋର ମନ ଆପଣଙ୍କ ପାଇଁ ବ୍ୟାକୁଳ ହୋଇ ଉଠୁଛି ।

ଏହାପରେ ସ୍ୱାନିସ୍ ଭାଷାରେ ସୁନ୍ଦର ସ୍ୱର ସହିତ ଗୋଟିଏ ଦୁଆଇଆ ନଜମ୍ ପରିବେଷଣ କରାଗଲା । ଏହାପରେ ପ୍ରୋଗ୍ରାମ୍ ମୁତାବକ ଜର୍ମାନୀ ଭାଷାରେ ଖୁଦାମ୍ ମାନେ ଗୋଟିଏ ତରାନା ପରିବେଷଣ କଲେ । ଏହାପରେ କୋସୋଭୋ ଦେଶରୁ ଆସିଥିବା ଅହେମଦୀମାନେ ଏବଂ ଯୁବକମାନେ ନିଜର ସ୍ଥାନୀୟ ଭାଷାରେ ତରାନା ପରିବେଷଣ କଲେ । ପରିଶେଷରେ ଯାମିଆ ଅହେମଦୀୟା ଜର୍ମାନୀର ଶିକ୍ଷାର୍ଥୀମାନେ ଗୋଟିଏ ଦୁଆଇଆ ନଜମ୍ ପରିବେଷଣ କଲେ,ଯାହାର ବିଷୟବସ୍ତୁ ଥିଲା ଖିଲାଫତ୍ ସହିତ ପ୍ରତିଶୃତି ଏବଂ ପ୍ରେମର ସମ୍ପର୍କ । ବହୁତ ଆଧ୍ୟାତ୍ମିକ ମାହୋଲ୍‌ରେ ଏହି ସବୁ ନଜମ୍ ଓ ତରାନା ଗୁଡିକ ପରିବେଷଣ କରାଯାଉଥିଲା । ଏ ପ୍ରୋଗ୍ରାମ୍ ଶେଷ ହେବା କ୍ଷଣି ଯମାତ୍‌ର ଲୋକମାନେ ବହୁତ ଉତ୍ସାହ ଓ ଜୋସ୍‌ର ସହିତ ନାରା ଉତଲନ କଲେ । ଏହିପରି ଏ ସାରା ମାହୋଲ୍ ନାରା ଦ୍ୱାରା ଗୁଞ୍ଜରଣ ହେଉଥିଲା । ଛୋଟ ବଡ଼ ଯୁବକ, ବୃଦ୍ଧ ନିଜ ପ୍ରିୟ ଆକାଙ୍କ ସହିତ ପ୍ରେମ ଓ ଶ୍ରଦ୍ଧାର ବଡ଼ ଉତ୍ସାହିତ ସହିତ ପରିପ୍ରକାଶ କରୁଥିଲେ । ଏହା ଜଲ୍‌ସାର ଉଦ୍‌ଯାପନୀର ବିଦାୟ କ୍ଷଣ ଥିଲା । ଏବଂ କାୟା ଓ ମନ, ପ୍ରେମ ଓ ସୌହାର୍ଦ୍ଦ୍ୟର ଭାବନାରେ ପରିପୂର୍ଣ୍ଣ ଥିଲା ଓ ଆଖିରୁ ଖୁସିର ଅଶ୍ରୁ ବୋହୁଥିଲା ।

ଏହି ପରିବେଶରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ନିଜର ବହୁତ ପ୍ରିୟଜନ ମାନଙ୍କୁ ଅସ୍‌ସଲାମୋ ଆଲୈକୁମ୍ ଓ ଖୁଦା ହାଫିଜ୍ କହିଲେ । ନାରାର ଜ୍ୟୋତି ସାହାଯ୍ୟରେ ଜଲ୍‌ସାଗାଃ ରୁ ବାହାରକୁ ଆସିଲେ ଏବଂ କିଛି ସମୟ ପାଇଁ ନିଜର ଆବାସସ୍ଥଳୀକୁ ଚାଲିଗଲେ ।

ନୈାମୁବାଇୟାତ୍ ଙ୍କ ସହିତ ହଜୁର୍ ଅନୁଓ୍ୱର୍‌ଙ୍କର ସାକ୍ଷାତ୍‌କାର

ପ୍ରୋଗ୍ରାମ୍ ମୁତାବକ ସଂଧ୍ୟା ୭:୧୦ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସ ସ୍ଥଳୀରୁ ବାହାରକୁ ଆସିଲେ ଓ ବିଭିନ୍ନ ଦେଶରୁ ଆସିଥିବା ନୈାମୋବାଇୟାତ୍ ହଜୁର୍ ଅନୁଓ୍ୱରଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ନୈାମୋବାଇୟାତ୍‌ଙ୍କ ସଂଖ୍ୟା ୩୮ ଥିଲା । ସେହିପରି ୧୪ ଜଣ ପିଲା ମଧ୍ୟ ତାଙ୍କ ସହିତ ସାମିଲ୍ ଥିଲେ ।ଏହି ମହିଳାମାଙ୍କର ସମ୍ବନ୍ଧ ଜର୍ମାନୀ, ନରୱେ, ତୁର୍କୀ, କୁର୍ଦ୍ଦସ୍ତାନ୍, ଇରାକ୍, କୁସୋଭ, ଆଫଗାନିସ୍ତାନ, ଶିରିଆ, ଫ୍ରାନ୍‌ସ ଏବଂ ହଲାଣ୍ଡ୍ ସହିତ ଥିଲା । ସେମାନଙ୍କ ମଧ୍ୟରୁ ୯ ଜଣ ଏପରି ମହିଳା ଥିଲେ ଯେଉଁମାନେ ଜଲ୍‌ସା ଦିନମାନଙ୍କରେ ବୟତ୍ କରବାର ସୌଭାଗ୍ୟ ପ୍ରାପ୍ତ କଲେ ।

ହଜୁର୍ ଅନୁଓ୍ୱର୍ ପଚାରିଲେ ଯେ ଏମାନେ ସମସ୍ତେ କେଉଁଠାରୁ ଆସିଛନ୍ତି ? ନ୍ୟାସ୍‌ନାଲ୍ ସେକ୍ରେଟାରୀ ତର୍‌ବିୟତ୍ ନୈାମୁବାୟାତ୍ ବତାଇଲେ ଯେ ଏମାନେ ବିଭିନ୍ନ କମ୍ୟୁନିଟି ସହିତ ସମ୍ପର୍କ ରଖିଥିବା ନୈାମୋବାଇୟାତ୍ ଭଉଣୀମାନେ ଅଟନ୍ତି । କେବଳ ଜର୍ମାନୀରୁ ନୁହେଁ ବରଂ ଅନ୍ୟ ଦେଶମାନଙ୍କୁ ମଧ୍ୟ ଆସିଛନ୍ତି ।

ଫ୍ରାନ୍‌ସରୁ ଆସିଥିବା ଜଣେ ମହିଳା କହିଲେ ଯେ ମୁଁ ଆଜି ହିଁ ବୟତ୍ କରିବାର ସୌଭାଗ୍ୟ ପାଇଲି । ସେ ନିଜର ସ୍ୱାମୀ ଓ ପିଲାମାନଙ୍କ ନିମନ୍ତେ ଦୁଆକରିବା ପାଇଁ ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ- ଅଲ୍ଲାଃତାଲା ଫଜଲ୍ ଫରମାଏ । ହଜୁରଙ୍କୁ ପଚାରିବା ପରେ ସେ କହିଲେ ଯେ ତାଙ୍କ ସ୍ୱାମୀଙ୍କର ସମ୍ବନ୍ଧ ମରାକିଶ୍ ସହିତ ଅଛି ଏବଂ ସେ ନିଜେ ଫ୍ରାନ୍‌ସରୁ ଆସିଛନ୍ତି ।

ଜଣେ ତୁର୍କୀ ମହିଳା ଯିଏ ଦୁଇମାସ ପୂର୍ବରୁ ଅହେମଦୀ ହୋଇଛନ୍ତି ସେ ନିଜ ବାପାଙ୍କ ନିମନ୍ତେ ଦୁଆର ଦରଖାସ୍ତ କଲେ । ତାଙ୍କ ବାପା ଅହେମଦୀୟତ୍‌ର ବଡ଼ ମୁଖାଲିଫ୍ ଅଟନ୍ତି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ତାଙ୍କୁ ସମ୍ବୋଧନ କରି କହିଲେ କଣ ଆପଣ ମୁଖାଲିଫତ୍‌ର ଏହି ବୋଝକୁ ଉଠାଇବା ପାଇଁ ପ୍ରସ୍ତୁତ ନୁହଁନ୍ତି ? ଆପଣ ଆଜିର ଉଦ୍‌ଯାପନୀ ଅଭିଭାଷଣରେ ସାହାବା ର:ଅ ଙ୍କ ତ୍ୟାଗ ଓ କୁର୍ବାନୀ ବିଷୟରେ ଘଟଣା ଗୁଡିକ ନିଶ୍ଚିତ ଶୁଣିଥିବେ ।

ଜଣେ ଜର୍ମାନୀ ନୈମୋବାଏ ମହିଳା କହିଲେ ଯେ ତାଙ୍କର ସମ୍ପର୍କ ଗିଜନ୍ ର ଇଲାକା ସହିତ ଅଛି ଏବଂ ସେ ବର୍ତ୍ତମାନ ବୟତ୍ କରିସାରିଛନ୍ତି । ସେ ଗିଜନ୍‌ର ମସ୍‌ଜିଦ୍ ବଇତୁସ୍ ସମଦ୍‌ର ଉଦ୍‌ଘାଟନ ଉତ୍ସବର ପ୍ରୋଗାମ୍‌ର ଉତ୍ସବରେ ସାମିଲ୍ ହୋଇଥିଲେ । ସେଠାରେ ସେ ହଜୁର୍‌ଙ୍କ ସହିତ ଫଟୋ ମଧ୍ୟ ଉଠାଇଥିଲେ ।

ଜଣେ ତୁର୍କୀର ମହିଳା ବତାଇଲେ ଯେ ସେ ଦଶମାସ ପୂର୍ବରୁ ବୟତ କରିଥିଲେ ଏବଂ ତାଙ୍କର ବାପା ମା' ତୁର୍କୀରେ ରହୁଛନ୍ତି ଏବଂ ଅହେମଦୀୟତ୍‌ର ବିରୋଧ କରୁଛନ୍ତି କିନ୍ତୁ ସେ ଅହେମଦୀୟାତ୍‌ର ବାର୍ତ୍ତାକୁ ଆଗକୁ ପହଂଚାଇବା ପାଇଁ ପ୍ରସ୍ତୁତ ଅଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ବର୍ତ୍ତମାନ ସେମାନଙ୍କୁ ବତାଇବାର ଆବଶ୍ୟକ ନାହିଁ । ଯଦି ସେମାନେ ମୁଖାଲିଫତ୍ କରିବେ ତେବେ ବର୍ତ୍ତମାନ ତାଙ୍କୁ ବତାନ୍ତୁ ନାହିଁ । ସେ ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ କହିଲେ ଯେ ମୋ ନାମ ହେଉଛି ସିବେଲ୍ । ହଜୁର୍ ଦୟା କରି ମୋର ଗୋଟିଏ ଆରବୀ ନାମ ରଖିଦିଅନ୍ତୁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣ ହେଉଛନ୍ତି ଜଣେ ତୁର୍କ ମୁସ୍‌ଲିମ୍ । ସେଥିଯୋଗୁଁ ଆପଣଙ୍କର ନାମ ତ ଠିକ୍ ଅଛି । ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ତାଙ୍କର ନାମ ଆଇଶା ରଖିଲେ ।

ଜଣେ ଆଫ୍‌ଗାନୀ ନୈାମୋବାଏ ମହିଳା କହିଲେ ଯେ ସେ ୧୧ ଦିନ ପୂର୍ବରୁ ବୟତ କରିଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଟିକିଏ ହସିଦେଇ କହିଲେ । ଆପଣ ତ ଦିନ ଗୁଡିକୁ ଠିକ୍ ମନେରଖିଛନ୍ତି । ସେ ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ନିଜ ମା' ବାପା ମାନଙ୍କ ନିମନ୍ତେ ଅହେମଦୀୟତ୍‌କୁ ଗ୍ରହଣ

କରିବା ପାଇଁ ଦୁଆର ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ ଅଲ୍ଲାଃତାଲା ଫଜଲ୍ ଫରମାଏ । ହଜୁର୍ ଅନୁଓ୍ୱର୍ ତାଙ୍କୁ ପଚାରିଲେ ଆପଣ କେଉଁ ଭାଷା କହୁଛନ୍ତି । ପୁଶ୍‌ତୋ ବା ଫାର୍ସୀ । ଏଥିରେ ସେ ମହିଳା ଜଣକ କହିଲେ ଯେ ସେ ଫାର୍ସୀ କହନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣ କଣ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କର ଏହି ଫାର୍ସୀ ନଜମ୍ ପଢ଼ନ୍ତି କି ?

*ଜାନୋ ଦିଲମ୍ ଫିଦାଏ*
*ଜମାଲେ ମହମ୍ମଦ୍ ଅସ୍ତ*
*ଖାକମ୍ ନିସାରେ କୁଚାଏ*
*ଆଲେ ମହମ୍ମଦ୍ ଅସ୍ତ*

ଆପଣ କଣ ଏହା ସବୁ ବୁଝୁଛନ୍ତି ? ଏହାପରେ ହଜୁର୍ ଅନୁଓ୍ୱର୍ ସାଧା କାଗଜରେ ଏହି ପଦକୁ ଫାର୍ସୀ ଭାଷାରେ ଲେଖି ତାଙ୍କୁ କହିଲେ ଯେ କଣ ଆପଣ ଏହାକୁ ପଢ଼ିପାରିବେ ? ସୁତରାଂ ସେହି ମହିଳା ଜଣକ ଫାର୍ସୀ ଭାଷାରେ ଲେଖାଯାଇଥିବା ସେହି ଲେଖାକୁ ପଢ଼ିଲେ ଓ ହଜୁର୍ ଅନୁଓ୍ୱରଙ୍କୁ ଜଜାକମୁଲ୍ଲାଃ କହିଲେ ।

କୁର୍ଦ(ଇରାକ୍) ସମ୍ପ୍ରଦାୟ ସହିତ ସମ୍ପର୍କ ରଖିଥିବା ଜଣେ ନୌମୋବାଏ ମହିଳା ଯିଏ ବର୍ତ୍ତମାନ ହଲାଣ୍ଡ ରେ ରହୁଛନ୍ତି, ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ନିକଟରେ ଦୁଆର ଦରଖାସ୍ତ କଲେ ଏବଂ ବତାଇଲେ ଯେ ତାଙ୍କ ସ୍ୱାମୀ ଅହେମଦୀ ନୁହଁନ୍ତି । ଏବଂ ତାଙ୍କର ଅହେମଦୀଙ୍କ ସହିତ କୌଣସି ସମ୍ପର୍କ ମଧ୍ୟ ନାହିଁ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେପର୍ଯ୍ୟନ୍ତ ସ୍ୱାମୀଙ୍କର ମତ ପରିବର୍ତ୍ତନ ନହୋଇଛି, ଏପରି ପରିସ୍ଥିତିରେ ତାଙ୍କୁ ବତାଇବାର କୌଣସି ଆବଶ୍ୟକ ନାହିଁ । ଆପଣ ନିଜର ଉତମ ଚରିତ୍ର ସହିତ ତାଙ୍କ ସଙ୍ଗେ ଏପରି ବ୍ୟବହାର କର ଫଳତଃ ସେ ନିଜେ ଏଥିପ୍ରତି ଢ଼ଳିଯିବେ । ହଜୁର୍ ଅନୁଓ୍ୱରଙ୍କ ପଚାରିବାରେ ସେ କହିଲେ ଯେ ତାଙ୍କର ଗୋଟିଏ ଝିଅ ମଧ୍ୟ ଅଛନ୍ତି । ତାଙ୍କପାଇଁ ଦୁଆ କରିବାକୁ ମଧ୍ୟ ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ ଅଲ୍ଲାଃତାଲା ଫଜଲ୍ ଫରମାଏ ।

ଗାମ୍ବିଆରୁ ଆସିଥିବା ଜଣେ ମହିଳା ପଚାରିଲେ ଯେ ତାଙ୍କ ସ୍ୱାମୀ ତାଙ୍କୁ ତଲାକ୍ ଦେଇଦେଇଛନ୍ତି ଓ ତାଙ୍କର ତିନୋଟି ପୁଅ ଅଛନ୍ତି ଓ ସେ ନିଜ କୁଟୁମ୍ବରେ ଏକୁଟିଆ ଅହେମଦୀ ଅଛନ୍ତି । ହଜୁର୍ ଅନୁଓ୍ୱର୍ ପଚାରିଲେ କଣ ତୁମ ସ୍ୱାମୀ ତୁମକୁ ଅହେମଦୀ ହେବା ଯୋଗୁଁ ତଲାକ ଦେଇଦେଇଛନ୍ତି ? ପିଲାମାନେ କଣ ତାଙ୍କ ସହିତ ରହୁଛନ୍ତି ? ଏଥିରେ ସେ ମହିଳା ଜଣକ କହିଲେ ଯେ ତାଙ୍କ ସ୍ୱାମୀ ତାଙ୍କୁ ଅହେମଦୀ ହେବା ଯୋଗୁଁ ତଲାକ ଦେଇନାହାଁନ୍ତି ଓ ତାଙ୍କର ପିଲାମାନେ ମଧ୍ୟ କେତେବେଳେ ନିଜ ପାଖେ ତ କେତେବେଳେ ବାପାଙ୍କ ପାଖେ ରହୁଛନ୍ତି । ସେ ଦ୍ୱିତୀୟ ବିବାହ କରିବା ପାଇଁ ହଜୁରଙ୍କୁ ଦୁଆ କରିବା ନିମନ୍ତେ ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ ଅଲ୍ଲାଃତାଲା ଫଜଲ୍ ଫରମାଏ । ଜଣେ ନୌମୋବାଏ ମହିଳା କହିଲେ କି ତାଙ୍କ ନାମ ହେଉଛି ରୁକୟା ଏବଂ ତାଙ୍କର ମାଲି ଦେଶ ସହିତ ସମ୍ପର୍କ ଅଛି । ସେ ୧୮ ବର୍ଷ ପୂର୍ବେ ବୟତ କରିଥିଲେ । ତାଙ୍କ ଦୁଇଜଣ ପୁଅ ଏବଂ ଝିଅ ଅଛନ୍ତି । ତାଙ୍କ ପରିବାର ଅହେମଦୀୟତ୍‌କୁ ଗ୍ରହଣ କରୁନାହାଁନ୍ତି । ବହୁତ ଅଧିକ ମୁଖାଲିଫତ୍ ହେଉଛି । ତିନିଜଣ ଭାଇ ଅହେମଦୀୟତ୍ ଗ୍ରହଣ କରିଛନ୍ତି । ବାପାଙ୍କ ବୟସ ୭୮ ବର୍ଷ ଏବଂ ସେ ଅହେମଦୀ ନୁହଁନ୍ତି । ସେ ନିଜ ବାପାଙ୍କ ପାଇଁ କଣ କରିପାରିବେ ? ଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ- ସେ ତାଙ୍କ ବାପାଙ୍କ ପାଇଁ ଦୁଆ କରିବା ଉଚିତ୍ । ସେ ମହିଳା ଜଣକ ନିଜ ଝିଅ ଯାହାଙ୍କ ନାମ ସଫିଆ ଓ ତାଙ୍କର ବୟସ ୯ ବର୍ଷ ଅଟେ, ସେ ବିମାର ଅଛନ୍ତି, ତେଣୁ ତାଙ୍କ ସ୍ୱାସ୍ଥ୍ୟଲାଭ ପାଇଁ ଦୁଆର ଦରଖାସ୍ତ କଲେ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅଲ୍ଲାଃତାଲା ଫଜଲ୍ ଫରମାଏ ।

ଜଣେ ମହିଳା ନିଜର ରୋଗିଣା ମାଙ୍କ ପାଇଁ ଦୁଆର ଦରଖାସ୍ତ କରି ବତାଇଲେ ଯେ ସେ ନିଜେ ମଧ୍ୟ ଗର୍ଭବତୀ ଅଟନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅଲ୍ଲାଃତାଲା ଫଜଲ୍ ଫରମାଏ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଛୋଟ ଛୋଟ ପିଲାମାନଙ୍କୁ ଅତି ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ ଓ ବେମାର ଥିବା ଝିଅକୁ ଗେଲ କଲେ । ନୌମୁବାଇୟାତ୍ ମହିଳାମାନଙ୍କ ସହିତ ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୭:୩୨ ରେ ଶେଷ ହେଲା ।

**ପାଲେଷ୍ଟାଇନ୍‌ରୁ ଆସିଥିବା ତିନିଜଣ ଅହେମଦୀ ଭଉଣୀଙ୍କ ସହିତ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସାକ୍ଷାତ୍‌କାର**

ଏହାପରେ ପାଲେଷ୍ଟାଇନ୍‌ରୁ ଆସିଥିବା ତିନିଜଣ ଅହେମଦୀ ଭଉଣୀ ସମାହ ଅବ୍‌ଦଲ୍ ଜଲିଲ୍ ସାହିବା, ଅମଲ ଅବ୍‌ଦଲ୍ ଜଲିଲ୍ ସାହିବା ଏବଂ ସହର୍ ମେହ୍‌ମୁଦ୍ ସାହିବା ନିଜର ପ୍ରିୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଅମଲ୍ ଅବ୍‌ଦୁଲ୍ ଜଲିଲ୍ ସାହିବା ଏବଂ ସହର୍ ମେହ୍‌ମୁଦ୍ ସାହିବାକୁ କେବଳ ଅହେମଦୀ ହୋଇଯିବା ଯୋଗୁଁ ତଲାକ୍ ଦିଆଯାଇଅଛି । ଏହି ଦୁଇ ଭଉଣୀ ୧/୩ ର ଓ୍ୱସିୟତ୍ ମଧ୍ୟ କରିଛନ୍ତି । ବିଗତ ଦୁଇବର୍ଷ ହେବ ଜଲସା ସାଲାନା କାଦିଆନ୍‌ରେ ମଧ୍ୟ ସାମିଲ୍ ହେଉଛନ୍ତି ଏବଂ ଏବର୍ଷ ଜର୍ମାନୀର ଜଲସା ସାଲାନାରେ ମଧ୍ୟ ସାମିଲ୍ ହେବା ପାଇଁ ସୌଭାଗ୍ୟ ମିଳିଛି । ସେମାନଙ୍କର ଏହି ସଫରର ଏକମାତ୍ର ଲକ୍ଷ୍ୟ ହେଉଛି ହଜରତ୍ ଅମିରୁଲ୍ ମୁମିନିନ୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବା । ହଜୁର୍ ଅନୁଓ୍ୱରଙ୍କ ଏହି ଜର୍ମାନୀ ଗସ୍ତର ଆରମ୍ଭରେ ସମୟ କମ୍ ଥିବା ଯୋଗୁଁ ମୁଲାକାତ୍ ସମୟରେ ଏହି ତିନିଭଉଣୀଙ୍କ ଭାଗରେ ଯେଉଁ ସମୟ ଆସିଲା ସେଥିରେ ସେମାନେ ଘାବରେଇ ଗଲେ । ପୁଣି କୌଣସି ଅନୁବାଦ କରିବାବାଲା ମଧ୍ୟ ନଥିଲେ । ସେଥିଯୋଗୁଁ ହଜୁରଙ୍କ ସହିତ ତାଙ୍କର କୌଣସି କଥାବାର୍ତ୍ତା ହୋଇପାରିଲା ନାହିଁ ।

ପୁଣି ଯେତେବେଳେ ହଜୁର୍ ଅନୁଓ୍ୱର୍ ଆରବୀୟ ଅହେମଦୀ ଓ ଅତିଥିମାନଙ୍କ ସହିତ ଇଜ୍‌ତିମାଇ ମୁଲାକାତ୍‌ର ଅବସର ଦେଲେ ସେତେବେଳେ ଏହି ତିନିଭଉଣୀ ମଧ୍ୟ ହଜୁରଙ୍କ ସହିତ କଥା ହେବା ପାଇଁ ହାତ ଉଠାଇଲେ । କିନ୍ତୁ ସମୟର ଅଭାବ ଯୋଗୁଁ ତାଙ୍କପାଳି ମଧ୍ୟ ପଡ଼ିଲା ନାହିଁ । ଏପରି ଅବସ୍ଥାକୁ ଦେଖି ଏମାନେ ବହୁତ ବ୍ୟତିବ୍ୟସ୍ତ ହୋଇପଡ଼ିଥିଲେ ଯେ ବୋଧହୁଏ ଅଲ୍ଲାଃତାଲା ଆମ ଉପରେ ନାରାଜ ଅଛନ୍ତି । କାରଣ ଖଲିଫାଏ ଓ୍ୱକ୍ତ ଙ୍କ ସହିତ ସାକ୍ଷାତ୍ କରିବାପାଇଁ ମୌକା ମିଳୁନାହିଁ । ସୁତରାଂ ନୌମୁବାଇୟାତ୍‌ଙ୍କ ସହିତ ହଜୁର୍ ଅନୁଓ୍ୱରଙ୍କର ସାକ୍ଷାତ୍‌କାର ହେଲା । ତେବେ ସେମାନଙ୍କୁ ମଧ୍ୟ ତାଙ୍କ ସାଥିରେ ବସିବା ପାଇଁ ଅବସର ମିଳିଗଲା । ଏହି ମଜଲିସ୍‌ର ଶେଷ ବେଳକୁ ହଜୁର୍ ଅନୁଓ୍ୱର୍ ତାଙ୍କୁ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରଦାନ କଲେ । ଫଳତଃ ସେମାନେ ହଜୁର୍ ଅନୁଓ୍ୱରଙ୍କ ସହିତ କଥା ମଧ୍ୟ ହେଲେ ଏବଂ ଦୁଆର ଦରଖାସ୍ତ ମଧ୍ୟ କଲେ । ଏହାପରେ ଏତେ ଭାବ ବିହୋଳ ହୋଇଗଲେ ଯେ ଆଖିରୁ ଧାର ଧାର ଅଶ୍ରୁ ବୋହିଲା ଏବଂ କାନ୍ଦିବାକୁ ଲାଗିଲେ ।

ସେମାନେ ବତାଇଲେ:- ଜଲସା ସାଲାନା ଜର୍ମାନୀରେ ସାମିଲ୍ ହେବା ଆମ ପାଇଁ କୌଣସି ଚମତ୍କାରରୁ କମ୍ ନୁହେଁ । କିନ୍ତୁ ଦୁଆ ଓ ଅଲ୍ଲାଃତାଲାଙ୍କ ଉପରେ ଭରଷା ରଖିବା ଯୋଗୁଁ ସୀମିତ ସାଧନ ହେବା ସତ୍ତ୍ୱେ ମଧ୍ୟ ଅଲ୍ଲାଃତାଲା ଆମ ଜୀବନର ସବୁଠାରୁ ବଡ଼ କାମନାକୁ ପୁରା କରିଦେଲେ । ଏହି ପ୍ରକ୍ରିୟାକୁ ପାର୍ କରିବା ପରେ ଆମେ ଏହା କହିପାରିବୁ ଯେ ଯାହାଙ୍କ ହୃଦୟରେ ଖଲିଫାଏ ଓ୍ୱକ୍ତ ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ସଦିଚ୍ଛା ଥିବ ଏବଂ ସେ ଏଥିପାଇଁ ଚେଷ୍ଟା କରୁଥିବ ତେବେ ଅଲ୍ଲାଃତାଲା ତା ପାଇଁ ପ୍ରତ୍ୟେକ ପ୍ରକାର କଠିନ ସମସ୍ୟାଗୁଡ଼ିକ ଦୂର କରିଦେବେ । ଆରମ୍ଭରେ ଯେବେ ଖଲିଫା ଓ୍ୱକ୍ତ ଙ୍କ ସହିତ ଆମର ମୁଲାକାତ୍ ହେଲା ତେବେ ଆମେ ଏହା ଭାବିଥିଲୁ ଯେ ଆମ ପାଖରେ ବହୁତ ସମୟ ଥିବ । କିନ୍ତୁ ଏହାତ ବହୁତ କମ୍ ସମୟ ଥିଲା, ଯାହା ଆଖି ପିଛୁଳାକେ ଚାଲିଗଲା ଏବଂ ଆମେ ଆମ ମନରେ ହଜୁର୍ ଅନୁଓ୍ୱରଙ୍କ ସହିତ କଥା ନ ହେବାର ଅଭିଳାସା ନେଇ ଫେରି ଆସିଲୁ ।

ଆମର ଅବସ୍ଥା ଠିକ୍ ନଥିଲା । କାରଣ ଆମକୁ ଏପରି ଲାଗୁଥିଲା ଯେ ଖୁଦାତାଲା ଆମ ସହିତ ନାରାଜ ଅଛନ୍ତି । ସେଥିଯୋଗୁଁ ତା ଖଲିଫାଙ୍କ ସହିତ ଆମର ସାକ୍ଷାତ୍‌କାର୍ ସମୟରେ କୌଣସି କଥା ହୋଇପାରିଲା ନାହିଁ । ବରଂ ଆମେ ତ ହଜୁର୍ ଅନୁଓ୍ୱରଙ୍କୁ ନିଜର ପରିଚୟ ମଧ୍ୟ ଦେଇପାରିଲୁ ନାହିଁ । ସୁତରାଂ ଆମେ ତା ପରଦିନ କାନ୍ଦିବାକୁ ଲାଗିଲୁ ଓ ତୌବା ଏବଂ ଇସ୍‌ତେଗ୍‌ଫାର୍ କରିଚାଲିଲୁ ଏବଂ ହଜୁର୍ ଅନୁଓ୍ୱରଙ୍କ ସାକ୍ଷାତ୍ ପାଇବା ପାଇଁ ଅଲ୍ଲାଃଙ୍କ ନିକଟରେ ପ୍ରାର୍ଥନା କରି ଚାଲିଲୁ । ଅଲହମ୍‌ଦୋଲିଲ୍ଲାଃ ଦୁଇଦିନ ପରେ ବଡ଼ ଚମତ୍କାରିତାର ସହିତ ଆମର ସାକ୍ଷାତ୍‌କାର ହୋଇଗଲା । ସେଥିରେ ଆମେ ହଜୁର୍ ଅନୁଓ୍ୱରଙ୍କୁ ନିଜ ମନରେ ଥିବା ବହୁତ ଗୁଡ଼ିଏ କଥା କହିପାରିଲୁ । ଏହି ସାକ୍ଷାତ୍‌କାର୍ ଏପରି ପ୍ରେମପୂର୍ଣ୍ଣ ମୁହୂର୍ତ୍ତରେ ବନ୍ଧା ହୋଇଥିଲା ଯେ ଆମର ବିଗତ ଭାବନା ଗୁଡ଼ିକ କିଛି ରହିଲା ନାହିଁ ଏବଂ ମନ ଖୁସିରେ ଭରିଗଲା ।

ସମାହ୍ ସାହିବା କହୁଛନ୍ତି:- ମୁଁ ଖଲିଫା ଓ୍ୱକ୍ତ ଙ୍କୁ ବହୁତ ନମ୍ର ଓ ବାଖେଉନ୍ ଆଲାନଫ୍‌ସିହି ରୂପେ ପାଇଲି । ହଜୁର୍ ଅନୁଓ୍ୱରଙ୍କର ଏପରି ଅବସ୍ଥା ଦେଖି ମୋ ହୃଦୟର ଗଭୀରତାରୁ ଖଲିଫା ଓ୍ୱକ୍ତ ଙ୍କ ନିମନ୍ତେ ବହୁତ ଦୁଆ ବାହାରିଲା ।

ସହର୍ ମେହ୍‌ମୁଦ୍ ସାହିବା କହୁଛନ୍ତି:-ମୁଁ ବହୁତ ଦୁଆ କରିଥିଲି ଯେ ଖୁଦା ମୋତେ ଖଲିଫା ଓ୍ୱକ୍ତ ଙ୍କ ସହିତ ସାକ୍ଷାତ୍‌କାର ବେଳେ କୌଣସି ଏପରି ଚିହ୍ନ ଦେଖାଇବେ ଯାହା ଫଳରେ ମୋ ହୃଦୟ ସନ୍ତୁଷ୍ଟତାରେ ଭରିଯିବ । ସୁତରାଂ ସାକ୍ଷାତ୍‌କାର୍ ସମୟରେ ମୁଁ ହଜୁର୍ ଅନୁଓ୍ୱରଙ୍କ ଚେହେରାରେ ଏକ ବିଶେଷ ଜ୍ୟୋତିକୁ ଦେଖିବାକୁ ପାଇଲି । ଫଳତଃ ମୋ ହୃଦୟ ସନ୍ତୁଷ୍ଟତାରେ ଭରିଗଲା ।

ଅମଲ୍ ସାହିବା କହୁଛନ୍ତି- ମୁଁ ଏହା ଦୁଆ କରିଥିଲି ଯେ ଖଲିଫା ଓ୍ୱକ୍ତ ଙ୍କ ସହିତ ପ୍ରଥମ ସାକ୍ଷାତ୍‌କାରରେ ମୋତେ ଏ ଅନୁଭବ ହେଉ ଯେ ମୁଁ ଏ ପୃଥିବୀ ଉପରେ ଖୁଦାତାଲାଙ୍କ ପ୍ରତିନିଧିଙ୍କ ସହିତ ମିଳୁଅଛି । ସୁତରାଂ ମୁଁ ଏହା ଦେଖିଲି ଯେ ପ୍ରଥମତଃ ହଜୁର୍ ଅନୁଓ୍ୱର୍ ବହୁତ ବିନମ୍ର ଓ ବାଖେଉନ୍ ଆଲା ନଫ୍‌ସିହି ଅଟନ୍ତି । ଦ୍ୱିତୀୟତଃ ହଜୁର୍ ଅନୁଓ୍ୱର୍ ଆମର ବ୍ୟତିବ୍ୟସ୍ତତାକୁ ଦେଖି ବହୁତ ସ୍ନେହର ସହିତ ଆମର ଭୟକୁ ଦୂର କରିବା ପାଇଁ ଅତି ସୁନ୍ଦର ରୂପେ ଆମ ସହିତ କଥା ହେଲେ । ଏବଂ ଏହାର ପ୍ରଭାବ ଏପରି ଥିଲା ଯେ ସାକ୍ଷାତ୍‌କାର୍ ଶେଷ ହେବା ବେଳକୁ ଆମେ ସମସ୍ତେ ହସୁଥିଲୁ । କ୍ରମଶଃ..

(ବ ହଓ୍ୱାଲା ଅଖ୍‌ବାର୍ ବଦର୍
୨୮ ସେପ୍ଟେମ୍ବର/୫ଅକ୍ଟୋବର୍ ୨୦୧୭)

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian BADAR ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 09 NOV 2017 Issue No. 45

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.300/- (Per Issue:Rs.6/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ (ଅଗଷ୍ଟ ୨୦୧୭)

(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)

## ୨୬ ଅଗଷ୍ଟ ୨୦୧୭ ର ଅବଶିଷ୍ଟାଂଶ

## ଅତିଥିମାନଙ୍କ ସହିତ ହଜୁର୍ ଅନୁଓ୍ଵର୍‌ଙ୍କ ସାକ୍ଷାତ୍‌କାର୍

ଏହାପରେ ଜଣେ ଆରବୀୟ ମହିଳା କହିଲେ ଯେ ମୁଁ ଶିରିଆରୁ ଆସିଛି ଏବଂ ଜର୍ମାନୀ ଆସିବା ପରେ ମୁଁ ଯମାତ୍ ଅହେମଦୀୟା ବିଷୟରେ ଜାଣିପାରିଲି । ମୁଁ ଏଠି ଅହେମଦୀ ମାନଙ୍କ ମସ୍‌ଜିଦ୍‌କୁ ଯାଉଛି ଓ ଅହେମଦୀ ଇମାମ୍ ପଛରେ ନମାଜ ମଧ୍ୟ ପଢୁଛି । ମୁଁ ଏହା ଜାଣିପାରୁନାହିଁ ଯେ ଅହେମଦୀମାନେ ଗଏର୍ ଅହେମଦୀ (ଅଣ ଅହେମଦୀ) ମାନଙ୍କ ଇମାମ୍‌ଙ୍କ ପଛରେ ନମାଜ କାହିଁକି ପଢୁନାହାଁନ୍ତି, ଯେବେକି ଗଏର୍ ଅହେମଦୀମାନେ ମଧ୍ୟ ସେହି ଅଲ୍ଲା, ରସୁଲ୍ ଏବଂ କୋରାନ୍‌କୁ ମାନୁଛନ୍ତି । ଯଦି ଅହେମଦୀ ଗଏର୍ ଅହେମଦୀ ଇମାମ୍‌ଙ୍କ ପଛରେ ନମାଜ ପଢ଼ିନିଅନ୍ତି ତେବେ କଣ ଅସୁବିଧା ହେବ ।

ଏଥିରେ ହଜୁର୍ ଅନୁଓ୍ଵର୍ ଅ:ବ:ଅ କହିଲେ ଯେଉଁଠି ନମାଜ ପଢ଼ିବାର କଥା ସେଠି କୌଣସି ଅସୁବିଧା ନାହିଁ । କିନ୍ତୁ ଅସଲ୍ କଥା ହେଉଛି ଯେ ଆମେ ଏକଥାରେ ବିଶ୍ୱାସ ଆଣୁଛୁ ଯେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ମସିହ୍ ଓ ମେହେଦୀଙ୍କ ଆସିବା ବାବଦରେ ଯେଉଁ ପେଶ୍‌ଗୋଇ ଥିଲା ତାହା ସତ୍ୟ ଉପରେ ଆଧାରିତ ଓ ତାହା ପୁରଣ ମଧ୍ୟ ହୋଇସାରିଛି । ଯେଉଁ ମେହେଦୀଙ୍କର ଆସିବାର ଥିଲା ତାଙ୍କ ବିଷୟରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ଇମାମ୍ ବୋଲି ମଧ୍ୟ ସମ୍ବୋଧନ କରିଛନ୍ତି । ଯାହାଙ୍କୁ ଆଁ ହଜ୍‌ରତ୍ ସ:ଆ:ସ ଇମାମ୍ ବୋଲି କହିଦେଇଛନ୍ତି ତାଙ୍କୁ ଯଦି କେହି ନମାଜ ପଢ଼ାଇବା ବାଲା ଇମାମ୍ ଭାବୁନାହିଁ ତେବେ ଆମେ ତାର ଇମାମତ୍‌କୁ ମାନିପାରିବୁ ନାହିଁ । ଆମେ ଗଏର୍ ଅହେମଦୀଙ୍କ ଇମାମ୍‌କୁ କାହିଁକି ମାନିପାରିବୁ ନାହିଁ ? ଏଥିଯୋଗୁଁ ଯେ ଯେଉଁ ଇମାମ୍‌କୁ ଆମେ ମାନୁଅଛୁ ଓ ଯାହାଙ୍କୁ ଅଲ୍ଲାଃ ଓ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ଇମାମ୍ ବୋଲି ସମ୍ବୋଧନ କରିଛନ୍ତି ସେମାନେ(ଗଏର୍ ଅହେମଦୀମାନେ) ଏହି ଇମାମ୍‌କୁ ପ୍ରତ୍ୟାଖାନ୍ କରୁଛନ୍ତି । ପୁଣି ଏହା କିପରି ହୋଇପାରିବ ଯେ ଯେଉଁମାନେ ଏହି ଇମାମ୍‌କୁ ମାନୁନାହାଁନ୍ତି ଆମେ ତାଙ୍କ (ଅମାନ୍ୟକାରୀ) ପଛରେ କିପରି ନମାଜ ପଢ଼ିବୁ । ପ୍ରଥମ କଥା ତ ହେଉଛି ଏହା । ଦ୍ୱିତୀୟ କଥା ହେଉଛି ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସମୟରେ ମଧ୍ୟ ଏପରି ଏକ ସମୟ ଥିଲା ଯେତେବେଳେ ଅହେମଦୀମାନେ ମଧ୍ୟ ଗଏର୍ ଅହେମଦୀ ମାନଙ୍କ ପଛରେ ନାମଜ ପଢୁଥିଲେ କିନ୍ତୁ ଗଏର ଅହେମଦୀ ଓ୍ଵଲେମାମାନେ ଅହେମଦୀ ମାନଙ୍କ ବିରୋଧରେ ଫତଓ୍ଵା ଦେଇ ନିଜ ଇଛା ମୁତାବକ ଅହେମଦୀମାନଙ୍କୁ ଇସ୍‌ଲାମ୍‌ରୁ ବାହାର କରିଦେଲେ ଏବଂ ତାଙ୍କୁ ନିଜ ମସଜିଦ୍‌କୁ ଆସିବା ପାଇଁ ମଧ୍ୟ ରୋକିଲେ । ବରଂ ତାଙ୍କ ଉପରେ ଅତ୍ୟାଚାର ମଧ୍ୟ କଲେ ସେଥିଯୋଗୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ଯେ ଯେହେତୁ ଏବେ ସେ ଲୋକମାନେ ସ୍ୱଷ୍ଟ ରୂପେ ଫରକ କରିସାରିଛନ୍ତି ଓ ମୁଁ ଅଲ୍ଲାଃତାଲାଙ୍କ ତରଫରୁ ଇମାମ୍ ହୋଇ ଆସିଛି ଓ ମୋତେ ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ ଇମାମ୍ ବୋଲି ସମ୍ବୋଧନ କରିଛନ୍ତି । ତେଣୁ ତୁମେମାନେ ଏପରି ଲୋକଙ୍କର ଇମାମତ୍‌କୁ ମାନନାହିଁ ଏବଂ ତାଙ୍କ ପଛରେ ନମାଜ ମଧ୍ୟ ପଢ଼ନାହିଁ । ବାକି ସବୁ ଠିକ୍ ଅଛି ଯେ ଅଲ୍ଲାଃ ଏକ୍ ଅଟନ୍ତି ଏବଂ ତାଙ୍କର ରସୁଲ୍ ମଧ୍ୟ ଏକା ଓ କୋରାନ୍ ମଧ୍ୟ ଏକ୍ ଅଟେ । ଏହାକୁ ଆମେ ମଧ୍ୟ ମାନୁଅଛୁ । ଇମାମତ୍ ବ୍ୟତୀତ ବାକି ଯେଉଁଠି ମାନବିକ ମୂଲ୍ୟବୋଧର ପ୍ରଶ୍ନ ଅଛି ଆମେ ଏକାଠି ରହି ଆପୋଶରେ ମିଳିମିଶି ସାମାଜିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା କରୁଛୁ ।

ଏହାପରେ ଆଉଜଣେ ମହିଳା ଆରବୀୟ ଅହେମଦୀ କହିଲେ ଯେ ମୋର ତ କୌଣସି ପ୍ରଶ୍ନ ନାହିଁ କିନ୍ତୁ ମୋର ବାପା ମହମ୍ମଦ୍ ଅଲ୍ ସଓ୍ଵରି ସାହେବ୍ ଯିଏ ଶିରିଆରେ ଅଛନ୍ତି ତାଙ୍କର ଅମାନତ୍ ମୋ ପାଖରେ ଅଛି । ମୋ ବାପା କହିଥିଲେ ଯେ ତୁମେ ଯେବେ ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିବ ମୋର ସଲାମ୍ ହଜୁର୍‌ଙ୍କ ଗୋଚରେ ପହଂଚାଇଦେବ । ଏଥିରେ ହଜୁର୍ ଅନୁଓ୍ଵର୍ ଅ:ବ:ଅ କହିଲେ ଠିକ୍ ଅଛି ଓ୍ଵ ଆଲେକୁମ୍ ଅସ୍‌ସଲାମ୍ ।

ଆଉଜଣେ ଆରବର ବନ୍ଧୁ ପ୍ରଶ୍ନ କଲେ ଯେ କଣ ଆପଣଙ୍କ ନିକଟରେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ କୌଣସି ବିଶେଷ ଉପାୟ ଅଛି ବା କେବଳ ଦୁଆ ମାଧ୍ୟମରେ ହିଁ ସମ୍ପର୍କ ସ୍ଥାପନ ହୋଇପାରିବ ?

ହଜୁର୍ ଅନୁଓ୍ଵର୍ ଅ:ବ:ଅ କହିଲେ କୌଣସି ବିଶେଷ ଉପାୟ କଣ ହୋଇପାରେ ? ଦୁଆ ହିଁ ଅଟେ । ଅଲ୍ଲାଃତାଲା ତ ଏହି ଉପାୟ ବତାଇଛନ୍ତି ଯେ ଦୁଆ କର । ମୁଁ ଗ୍ରହଣ କରିବି । ମୁଁ ପୀର ମାନଙ୍କ ପରି ବା ଗଏର୍ ଅହେମଦୀ ମୁଲ୍ଲା ମାନଙ୍କ ପରି ଏହାତ କହିପାରିବି ନାହିଁ ଯେ ମୁଁ ଟେଲିଫୋନ୍ କରି କହିଦେବି ଯେ ମୋର ସିଧାସଳଖ ଅଲ୍ଲାଃଙ୍କ ସହିତ କଥାବାର୍ତା ହୋଇଗଲା ବୋଲି । ଏବଂ ତୁମର ଅମୁକ ଅମୁକ କଥାର ଉତର ମିଳିଗଲା ବୋଲି । ଯେଉଁ ଉପାୟ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସୁନ୍ନତ ରୁ ପ୍ରମାଣିତ ଅଛି ତାହା ହିଁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାର ମାର୍ଗ ଅଟେ ।

ଜଣେ ଆରବୀୟ ଅହେମଦୀ ଯୁବକ ପ୍ରଶ୍ନ କଲେ ଯେ ଛୋଟପିଲାମାନେ କିପରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସତ୍ୟତାକୁ ଜାଣିପାରିବେ ?

ହଜୁର୍ ଅନୁଓ୍ଵର୍ ଅ:ବ:ଅ କହିଲେ ଏହାତ ତର୍‌ବିୟତ ଦ୍ୱାରା ହୋଇଥାଏ । ଆଁ ହଜ୍‌ରତ୍ ସ:ଆ:ସ କହୁଛନ୍ତି ଯେ ପ୍ରତ୍ୟେକ ପିଲା ପୁଣ୍ୟ ପ୍ରକୃତି ନେଇ ଜନ୍ମ ହୋଇଥାଏ । ଏହାପରେ ତାର ବାପା ମା’ ତାଙ୍କୁ ଇସାଇ, ୟୁହୁଦୀ ବା ମଜୁସି କରିଦେଇଥାନ୍ତି । ମା’ର କୋଳରେ ପିଲା ବଢ଼ିଥାଏ । ଯଦି ମା’ ଦୀନ୍‌ଦାର୍ (ଧାର୍ମିକ) ଥିବେ ଏବଂ ଦୀନ୍ କୁ ଭଲଭାବେ ଜାଣୁଥିବେ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ:ଙ୍କ ସତ୍ୟତାକୁ ବୁଝିଥିବେ ଏବଂ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପଦ ମର୍ଯ୍ୟାଦାକୁ ଜାଣୁଥିବେ ତେବେ ସେ ନିଜେ ହିଁ ପିଲାଙ୍କ ମନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସତ୍ୟତାକୁ ସୃଷ୍ଟି କରାଇଦେବେ । ଯେଉଁ ମା’ ମାନେ ନିଜ ପିଲାମାନଙ୍କର ଏପରି ତର୍‌ବିୟତ କରନ୍ତି । ଫଳତଃ ସେମାନଙ୍କ ମନରେ ପିଲାଦିନୁ ହିଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସତ୍ୟତା ବହୁତ ଭଲ ରୂପେ ଦୃଢ଼ିଭୁତ ହୋଇଯାଇଥାଏ । ସେଇଥିପାଇଁ ମୁଁ ମହିଳାମାନଙ୍କୁ କହୁଛି ଯେ ସେମାନେ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦିଅନ୍ତୁ । ଆଜି ମଧ୍ୟ ମୋ ଭାଷଣର ସାରାଂଶ ଏହା ଥିଲା ।

ଏହାପରେ ଆରବ ଯୁବକ ଜଣକ କହିଲେ ଯେ ଯଦି ପିଲା ଗଏର୍ ଅହେମଦୀ ଥିବ ତେବେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତାକୁ ସେ କିପରି ଜାଣିପାରିବ ।

ହଜୁର୍ ଅନୁଓ୍ଵର୍ ଅ:ବ:ଅ କହିଲେ ଯଦି ପିଲା ଗଏର୍ ଅହେମଦୀ ଅଛି ତେବେ ପିଲାକୁ ତ ଦୀନ୍ କୁ ବୁଝିବା ପାଇଁ କୌଣସି ଜ୍ଞାନ ନଥାଏ । ସେଥିପାଇଁ ସେ ଦୋଷୀ ହେବନାହିଁ । ଯେପର୍ଯ୍ୟନ୍ତ ତାକୁ ଜ୍ଞାନର ବୟସ ନଆସିଛି ଏବଂ ସେ ଦୀନ୍‌କୁ ବୁଝିବା ପାଇଁ ଯୋଗ୍ୟ ହୋଇନାହିଁ ତା ଉପରେ ଯବରଦସ୍ତ ଦୀନ୍‌କୁ ବୁଝାଇବା ପାଇଁ ଚେଷ୍ଟା କରିବା ଏକପ୍ରକାର ଅତ୍ୟାଚାର ହେବ । ଆମେ ଗଏର୍ ଅହେମଦୀ ମୁଲ୍ଲାମାନଙ୍କ ପରି ତ କରିପାରିବା ନାହିଁ, ଯେପରି ସେମାନେ ପଂାଚଣରେ ପିଟିପିଟି କୋରାନ୍ ପଢ଼ାଉଛନ୍ତି ବା କାଇଦା ପଢ଼ାଉଛନ୍ତି । ଏବଂ ପିଲାମାନେ ମାଡ଼ଖାଇ କାନ୍ଦୁଛନ୍ତି । କିନ୍ତୁ ମୌଲବୀମାନେ ଗୋଟିଏ ଆୟତ ପଢ଼ାଇ ଦେଇ କହୁଛନ୍ତି ଯେ ଆମେ ବହୁତ ବଡ଼ କାମ କରିଦେଲୁ ବୋଲି । ତାହା ତ ପାଂଚଣର ଆୟତ ହେବ, ମନରୁ ନୁହେଁ । ହଜୁର୍ ଅନୁଓ୍ଵର୍ ଅ:ବ:ଅ କହିଲେ ଜ୍ଞାନ ଆହରଣ କରିବାର ବୟସ ମଧ୍ୟ ଅଲଗା ଅଲଗା ରହିଥାଏ । ହଜ୍‌ରତ୍ ଅଲୀ ର:ଅ ଙ୍କର କେତେ ବୟସ ଥିଲା ଯେ ତାଙ୍କୁ ବୁଝା ପଡ଼ିଗଲା ଏବଂ ଅନ୍ୟପଟେ ଅବୁ ଜହଲ୍‌ଙ୍କର କେତେ ବୟସ ଥିଲା କିନ୍ତୁ ସେ ବୁଝିପାରିଲେ ନାହିଁ ।

ସାକ୍ଷାତ୍‌କାର ଭିତରେ ଆଉଜଣେ ଅହେମଦୀ ବନ୍ଧୁ ପଚାରିଲେ ଯେ ମୁଁ ବହୁତ ବର୍ଷରୁ ଅହେମଦୀ ଏବଂ ମୋର ଅନେକ ପୂର୍ବରୁ ଏ ଇଛା ଥିଲା ଯେ ମୁଁ ହଜୁର୍ ଅନୁଓ୍ଵର୍ ଅ:ବ:ଅ ଙ୍କ ହାତକୁ ଚୁମା ଦେବି । ସୁତରାଂ ସାକ୍ଷାତ୍‌କାର୍‌ର ଶେଷରେ ହଜୁର୍ ଅନୁଓ୍ଵର ଅ:ବ:ଅ ସେହି ବନ୍ଧୁ ଜଣକୁ ନିଜ ପାଖକୁ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan